## ହାଇୱାକୁ ଧକ୍କା ଦେଇ ୩ ବାଇକ୍ ଆରୋହୀ ଗୁରୁତର

**ବାମରା, ୨୭।୬(ସମିସ):** ବାମରା ସ୍ଥିତ ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ସଡକ ଦୁର୍ଘଟଣା ଘଟିଛି। ହାଇୱା ପଛପଟୁ ବାଇକ ଧକ୍କା ଦେବା ଫଳରେ ୩ ଜଣ ବାଇକ ଆରୋହି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାମରା ନୁଆଁପଡ଼ା ଗ୍ରାମର ଅମର ଖଡ଼ିଆ(୨୨), ଅଜିତ ଖଡ଼ିଆ(୨୨) ଓ ସୁନିଲ ଖଡ଼ିଆ(୨୧)। ଗୁରୁତର ଅବସ୍ଥାରେ ୨ ଜଣଙ୍କୁ ବୁର୍ଲା ଭିମସାର ସ୍ଥାନାନ୍ତରିତ କରାଯାଇଥିବା ବଲେ ଜଣଙ୍କୁ ସୁନ୍ଦରଗଡ଼ ମେଡିକାଲ ପଠାଇ ଦିଆଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟେଲର ଓ ବାଇକକୁ ଜବତ କରିଛି। ସୂଚନା ଯୋଗ୍ୟଯେ, ବାଇକ ନମ୍ବର ଓଡି-୧୪-ପି-୫୧୨୪ ଯୋଗେ ବାମରାକୁ ଆସୁଥିଲେ। ହାଇୱା ଓଡି ୧୬-ଏଲ-୨୩୮୮ ସାମାନପଟୁ ଯାଉଥିଲା। ହାଇୱା ହଟାତ୍ ବ୍ରେକ ଦେବାକୁ ବାଇକ ପଛପଟେ ପିଟି ହୋଇଥିଲା। ହାଇୱାକୁ ପଛ ପଟୁ ଜୋରରେ ଧକ୍କା ଦେଇ ରାସ୍ତାରେ ଛିକିଟି ପଡ଼ିଥିଲେ। ଗୁରୁତର ଆହତ ରକ୍ତ ଜୁଡୁବୁଡୁ ହୋଇଥିବା ୩ ଜଣଙ୍କୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଶିବ ଶଙ୍କର ପାଲ(ଭୋନ୍ଦୁ), ଟିକି ନାଏକ ସମେତ ବନ ବିଭାଗ କର୍ମଚାରୀ ମାନେ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ସଂକଟାପନ୍ନ ଅବସ୍ଥାରେ ସେମାନଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମେଡିକାଲ କଲେଜ ହସ୍ପିଟାଲକୁ ରେଫର କରାଯାଇଥିଲା। ଏଥିରେ ସମାଜସେବୀ ଆକାଶ ଦୀକ୍ଷିତ ଓ ମିଥୁନ କୋହ୍ଲ ସହଯୋଗ କରିଥିଲେ। ପରେ ସେଠାରୁ ବୁର୍ଲା ଓ ରାଉରକେଲା ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଖବର ପାଇ ଗୋବିନ୍ଦପୁର ପୁଲିସ ଘଟଣା ସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ପୁରୁଣା ୱାରେଣ୍ଟିକୁ କୋର୍ଟ ଚାଲାଣ

**ବାମରା, ୨୭।୬(ସମିସ):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡ଼ ଡୁମେରମୁଣ୍ଡା ଗ୍ରାମର ଫେରାର ଅଭିଯୁକ୍ତ ସନ୍ତୋଷ ମଲ୍ଲିକଙ୍କୁ ପୁଣି ଗିରଫ କରିଛି। ୬ ବର୍ଷ ତଳେ ଜନୈକା ନାବାଳିକାକୁ ଆଦାଚରଣ ମାମଲାରେ ଗିରଫ ହୋଇ ପୋକସୋ କୋର୍ଟ ଜରିଆରେ ଜେଲ ଯାଇଥିଲେ। ସାଢେ ୪ ବର୍ଷ ପରେ ପରିବାର ଲୋକେ ତାଙ୍କୁ ଜାମିନରେ ବାହାର କରିଥିଲେ। ଘଟଣାଟି ସମ୍ବଲପୁର ସ୍ଥିତ ପୋକସୋ କୋର୍ଟ ବିଚାରାଧିନ ଥିବାବେଳେ, ସନ୍ତୋଷ ଅଦାଲତରେ ନିର୍ଦ୍ଧାରିତ ଶୁଣାଣି ସମୟରେ ହାଜର ନ ହେବାରୁ ତାଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର କୁମାର ବେହେରା ବିଚାରାଧିନ ଅଭିଯୁକ୍ତ ଥିବା ସନ୍ତୋଷ ମଲ୍ଲିକଙ୍କୁ ଗିରଫ କରି ସ୍ପେଶାଲ କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି।



### ୪ଲକ୍ଷ ଆମ୍ସାତର ସାଙ୍ଘାତିକ ଅଭିଯୋଗ

## ତଦନ୍ତ ପାଇଁ ଏସ୍ଏଚ୍ଜି ମହିଳା ବିଡିଓଙ୍କ ଦ୍ୱାରସ୍ଥ

**ନାକଟିଦେଉଳ, ୨୭।୬ (ସମିସ):** ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ଗିରିଶ୍ଚନ୍ଦ୍ରପୁର ମିଶନ ଶକ୍ତି ମଞ୍ଚର ଜଳ ବିଭାଜିକା ମିଶନ ପକ୍ଷରୁ ଆସିଥିବା ଅନୁଦାନକୁ ସିଆରପି କାହାକୁ ନ ଜଣାଇ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଶତାଧିକ ଏସଏଚଜି ସଦସ୍ୟା ସମସ୍ୟାର ସମାଧାନ ପାଇଁ ବିଡ଼ିଓଙ୍କୁ ଦାବିପତ୍ର ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗିରିଶ୍ଚନ୍ଦ୍ରପୁରର ୯ଟି ଏସଏଚଜି ଗ୍ରୁପକୁ ନେଇ ଗିରିଶ୍ଚନ୍ଦ୍ରପୁର ମିଶନ ଶକ୍ତି ମଞ୍ଚ ଗଠନ କରାଯାଇଛି। ରେଢ଼ାଖୋଲ ଜଳ ବିଭାଜିକା ମିଶନ ପକ୍ଷରୁ ସମସ୍ତ ଗ୍ରୁପକୁ ୪ ଲକ୍ଷ ଟଙ୍କା ଅନୁଦାନ ସିଏଲଏଫ ଆକାଉଣ୍ଟରେ ପ୍ରଦାନ କରାଯାଇଥିଲା। କିନ୍ତୁ ସିଆରପି କଳ୍ପନା ଜାନି କାହାକୁ ନ ଜଣାଇ ଆକାଉଣ୍ଟରୁ ଟଙ୍କା ଉଠାଇ ଥିଲେ। ଏ ବାବଦରେ ଶ୍ରୀମତୀ ଜାନିଙ୍କୁ ପଚାରିବାରୁ ଅଶ୍ଳୀଳ ଗାଳି ଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ବାବଦରେ ସମସ୍ତ ଗ୍ରୁପର ସଦସ୍ୟାମାନେ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ରେଢ଼ାଖୋଲ ଉପଜିଲ୍ଲାପାଳ ଏବାବଦରେ ନାକଟିଦେଉଳ ବିଡ଼ିଓଙ୍କୁ ଏକ ଚିଠି କରିଥିଲେ। ଏହାର ବିଚାର ପାଇଁ ସଦସ୍ୟାମାନେ ନାକଟିଦେଉଳ ବିଡ଼ିଓଙ୍କୁ ସାକ୍ଷାତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅଷ୍ଟମ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ସଦସ୍ୟାମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ କରିବା ବେଳେ ପଦ୍ମିନୀ ଭୋଇ, ତପସ୍ୱିନୀ କାଲୋ, ଲୀଳାବତୀ କାଲୋ, ଜୟକାନ୍ତି ଅଡ଼ା, କଳ୍ପନା ଭୋଇ, ମଞ୍ଜୁ ପ୍ରଧାନ, ରୀନା ଦେହୁରୀ, କୁମାରୀ ପ୍ରଧାନ, ସୁଜାତା ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ।



### ଜିଲ୍ଲାରେ ଜଳସଂରକ୍ଷଣ ଯୋଜନା ଫେଲ୍

# ଶୁଖିଲା ପଡ଼ିଛି ଚୂଆ, ଚେକ୍‌ଡ୍ୟାମ୍ ପ୍ରକଳ୍ପ

**ସମ୍ବଲପୁର, ୨୭।୬(ସମିସ)**

ଭୂତଳ ଜଳ ହ୍ରାସ ପାଇବା ନେଇ ଚିନ୍ତାରେ ପରିବେଶବିତ ଓ ସରକାର। ତେଣୁ କରି ବର୍ଷାଜଳ ସଂରକ୍ଷଣ କରିବା ନେଇ ଯୋଜନା କରାଯାଉଛି। ସହର ହେଉକି ଗ୍ରାମାଞ୍ଚଳରେ ସମସ୍ତ ବିଭାଗ ଦ୍ୱାରା ଜଳସଂରକ୍ଷଣ ବ୍ୟବସ୍ଥା କରାଯାଉଛି। ପୋଖରୀ, ବନ୍ଧ ଗୁଡ଼ିକରେ ଛୋଟ ଚୁଆଁ କରିବା, ଘର ଛାତ ପାଣିକୁ ପାର୍ଶ୍ୱରେ ୫ ଫୁଟ ଗାତଖୋଳି ସିମେଣ୍ଟ ରିଂ ଲଗାଇ ଜଳ ସଂରକ୍ଷ କରିବା, ନାଳ ଓ ନଦୀ ଗୁଡ଼ିକରେ ଚେକଡ୍ୟାମ ନିର୍ମାଣ କରି ପାଣିକୁ ଅଟକାଇ ରଖିବା ଭଳି ଅନେକ ଯୋଜନାରେ କାମ କରାଯାଉଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି। ହେଲେ ଏହି ଯୋଜନା ଅଧିକ ସ୍ଥାନରେ ଫେଲ ମାରିଛି। ଯାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଅଭିଯୋଗକ୍ରମେ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ବଡ଼ବଡ଼ କୋଠା ଗଢ଼ିଉଠୁଛି। ସହରାଞ୍ଚଳକୁ ଲାଗିଥିବା ଜଙ୍ଗଲ ସଫା କରି ନୂଆ ବସତି ସ୍ଥାପନ ହେଉଛି। ଲୋକେ ପାନୀୟଜଳ ଓ ଦୈନନ୍ଦିନ କାର୍ଯ୍ୟ ପାଇଁ ଭୂତଳ ଜଳ ଉପରେ ନିର୍ଭର କରୁଛନ୍ତି। ଏପଟେ ଭୂତଳ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ହାଇଲେବୁଲ୍ ବୋରିଂ ଦ୍ୱାରା ଭୂତଳ ଜଳ ଉତ୍ତୋଳନ ହେତୁ ଜଳସ୍ତର କମିଯାଇଛି। ଏହାକୁ ନେଇ କୌଣସି ବିଭାଗ ସଠିତ ତଥ୍ୟ ଦେବାରେ ଅସହମତି ପ୍ରକାଶ କରୁଛନ୍ତି। ହେଲେ ଭୂତଳ ଜଳସ୍ତର ପୂବ ଅପେକ୍ଷା ୩ରୁ ୪ ଫୁଟ ତଳକୁ ହ୍ରାସ ପାଇଥିବା ଜଣେ ବିଭାଗୀୟ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ଏପରି କି ଗତକିଛି ବର୍ଷ ଭିତରେ ଭୂତଳ ଜଳସ୍ତର କ୍ରମାଗତ ଭାବେ ନିମ୍ନଗାମୀ ହେବାରେ ଲାଗିଛି। ମୌସୁମୀ ଉପଯୁକ୍ତ ପରିଚାଳନା ଅଭାବରୁ ତଳିଆ ଅଞ୍ଚଳରେ ରାସ୍ତାଘାଟ ନଷ୍ଟ ହେବା ସହିତ ବିକାଶମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି। ବର୍ଷାଜଳ ସଂରକ୍ଷଣ କରିବା ସହିତ ଭୂତଳଜଳ ସ୍ତରରେ ସନ୍ତୁଳନ ଆଣିବା ନିମନ୍ତେ କୋଠାବାଡ଼ି ଓ ଜମିରେ ବର୍ଷାଜଳ ଅମଳ ବ୍ୟବସ୍ଥା କରିବାକୁ ସରକାର ନିଷ୍ପତ୍ତି ହୋଇଥିଲା। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ପୋତି ହୋଇଯାଇଛି। ବାଲି ସିମେଣ୍ଟରେ ଯୋଡ଼ା ହୋଇଥିବା ଇଟାଗୁଡ଼ିକ ଉଫୁଡି ଯାଇଛି। ତେଣୁ ଆଗକୁ ବର୍ଷା ଜଳକୁ କିଭଳି ସଂରକ୍ଷଣ ହେବ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନେକ ସ୍ଥାନରେ ପ୍ଲାନ୍ ଅନୁଯାୟୀ ଏଭଳି ପିଟ୍ ଚେମ୍ବର ନିର୍ମାଣ ମଧ୍ୟ ହୋଇନଥିବା କହୁଛନ୍ତି। ବର୍ଷା ପାଣି ଏଠାରେ କିନ୍ତୁ ଯଦି ପାଣି ଆସେ ତେବେ ପିଟ୍‌ରୁ ବାହାରକୁ ବାହାରିଯିବ।





ପୂର୍ବ ସମୟରେ ବିଭିନ୍ନ ସ୍ଥାନରେ ନଳକୂପର ଜଳସ୍ତର ସର୍ବନିମ୍ନ ୨ ମିଟରରୁ ସର୍ବାଧିକ ୫ ମିଟର ପର୍ଯ୍ୟନ୍ତ ତଳକୁ ଖସିଯାଉଛି। ଫଳରେ ଅନେକ ନଳକୂପରୁ ପାଣି ଆଦୌ ବାହାରି ନଥାଏ। ଡିପ୍ ବୋରୱେଲ ମାଧ୍ୟମରେ ଜଳ ଚାଷ କାର୍ଯ୍ୟରେ ବ୍ୟବହାର ହେବାରୁ ଭୂତଳ ଜଳ କମିକମି ଚାଲିଛି ବୋଲି ଭୂତଳ ଜଳବୋର୍ଡ ତଥ୍ୟରୁ ଜଣାପଡ଼ିଛି। ତେବେ ବର୍ଷାଜଳର ଓ୍ୱାର୍ଡରେ କଲ୍ୟାଣ ମଣ୍ଡପ, ସରକାରୀ କ୍ୱାଟର, ଅଫିସ, ଅନୁଷ୍ଠାନ ଗୁଡିକ ପରିସରରେ ଜଳ ସଂରକ୍ଷଣ ପାଇଁ ଗାତ ଖୋଳା ଯାଇଥିଲା। ମୁକ୍ତା ଓ ଅନ୍ୟ ଯୋଜନାରେ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଏବେ ଉକ୍ତ ଚୁଆଁ ଗୁଡ଼ିକ ପୋତି ହେବାରେ ଲାଗିଛି। ସେଗୁଡ଼ିକର ଅବସ୍ଥା ବର୍ତ୍ତମାନ ଶୋଚନୀୟ। ଅନାବନା ଗଛ ଚାରିଆଡେ ଘେରି ଯାଇଛି। ଖୋଳା ଯାଇଥିବା ଗାତ ସେହିପରି ଗ୍ରାମାଞ୍ଚଳରେ ହୋଇଥିବା ପ୍ରକଳ୍ପ ଗୁଡ଼ିକରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଛି। ବ୍ୟୟଅଟକଳ ଅନୁସାରେ ପିଟ୍ ପାଇଁ ଗାତ ଖୋଳାଯାଇନାହିଁ। ଯେତେ ପରିମାଣ ଖୋଳିବା କଥା ତାହା ଖୋଳା ଯାଇ ନାହିଁ। ଜଳ ସଂରକ୍ଷଣ ଯୋଜନାରେ ବିଭିନ୍ନ ବିଭାଗରେ ବ୍ୟାପକ ଟଙ୍କାର ଘୋଟାଲା ହେବାରୁ ଯୋଜନା ଫେଲ ମାରିଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି।

### ମାଟି ଖନନ କରି ଚାଲାଣ କରୁଛି ଓରିଏଣ୍ଟ କମ୍ପାନୀ

## ୪ ଜେସିବି ସହ ୧୧ ଗାଡ଼ି ଜବତ





**କୁଚିଣ୍ଡା, ୨୭।୬(ସମିସ):** ବେଆଇନ ଭାବେ ମାଟି ଖନନ କରି ତାକୁ ଚାଲାଣ କରୁଥିବା ବେଳେ ଓରିଏଣ୍ଟ କମ୍ପାନୀର ଚାରି ଜେସିବି ସହ ମୋଟ ୧୧ଟି ଗାଡ଼ିକୁ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ ଜବତ କରି ମହୁଲପାଲୀ ଥାନାରେ ଜମା ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବର୍ତ୍ତମାନ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପରୁଆଭାଡ଼ି ଗ୍ରାମ ଠାରୁ ବ୍ରାହ୍ମଣୀଡିହୀ ପର୍ଯ୍ୟନ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ଅଧିନରେ ଓରିଏଣ୍ଟ କମ୍ପାନୀ ନିର୍ମାଣ କରୁଛି। କମ୍ପାନୀ ଉକ୍ତ ରାସ୍ତାକୁ ୨୩ କୋଟି ୪୧ ଲକ୍ଷ ୧୦ ହଜାର ୩୬୭ ଟଙ୍କାର ଟେଣ୍ଡରରେ ନେଇ ରାସ୍ତା ନିର୍ମାଣ କାମ କରୁଛି। ଏହି ରାସ୍ତାର ମାଟି କାମ କରିବା ପାଇଁ କମ୍ପାନୀ ବେଆଇନ ଭାବେ ମହୁଲପାଲୀ ଥାନା ଅନ୍ତର୍ଗତ ତମନଗୁଡ଼ାର କାଲୋ କିସାନଙ୍କ ଜମିରୁ ମାଟି ଖନନ କରି ତାକୁ ମିନି ହାଇୱା ଗାଡ଼ିରେ ଚାଲାଣ କରୁଥିଲା। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟ ଗତ ମଙ୍ଗଳବାର ଦିନ ଘଟଣାସ୍ଥଳରେ ଚଢ଼ାଉ କରି ଚାରିଟି ହାଇୱ ଗାଡ଼ି, ଦୁଇଟି ଟିପର, ଚାରୋଟି ଜିସିବି ଏବଂ ଗୋଟିଏ ଟ୍ରାକ୍ଟରକୁ ଜବତ କରି ମହୁଲପାଲି ଥାନାରେ ଜମା ଦେଇଥିଲେ। କମ୍ପାନୀ ଜେସିବି ନମ୍ବର ଓଆର ୧୫ଏନ୦୯୦୫, ଓଆର୧୫ କ୍ୟୁ ୫୩୧୯, ଓଆର ୧୫ଏଫ ୩୯୭୬ ଏବଂ ଓଆର୧୫ଏଫ ୩୯୭୭ ଦ୍ୱାରା ମାଟି ଖନନ କରୁଥିଲା। ମିନି ହାଇୱ ଓ ଟିପର ନମ୍ବର ଓଆର୧୫ଏମ ୧୦୧୯, ଓଡି୧୫ଇ ୮୦୧୫, ଓଡି୧୫ଭି ୭୧୫୨, ଓଡି୧୫ଏମ ୪୨୩୫, ଓଆର୧୫ ୦୦୭୮ ଏବଂ ଓଡି ୧୫ଭି ୭୧୧୧ ଗାଡ଼ିରେ ମାଟି ଚାଲାଣ କରାଯାଉଥିଲା। ଏହା ସହିତ ଟ୍ରାକ୍ଟର ନଂ ଓଡି୧୫ ୭୧୪୦ରେ ମଧ୍ୟ ମାଟି ଚାଲାଣ କରାଯାଉଥିଲା। ସମସ୍ତ ଗାଡ଼ିକୁ ତହସିଲଦାର ଜବତ କରି ମହୁଲପାଲୀ ଥାନାରେ ଜିମା ଦେଇଛନ୍ତି। ବେଆଇନ ଭାବେ ଖନନ କରି ଚାଲାଣ କରା ଯାଇଥିବା ମାଟି ଆନୁମାନିକ ଭାବେ ପ୍ରାୟ ୨୦ ହଜାର ସି:ଏମ ହେବ ବୋଲି ଜଣା ପଡ଼ିଛି। ସୂଚନାଯୋଗ୍ୟ ଯେ, କମ୍ପାନୀ ଏହି ରାସ୍ତାକାମ କରିବା ବେଳେ ଅନିୟମିତତା କରୁଥିବା ସହ କାର୍ଯ୍ୟସ୍ଥଳୀରେ ସୂଚନାଫଳକ ଲଗାଇ ନ ଥିବା ବାବଦରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କମ୍ପାନୀ ସେଠାରେ ସୂଚନା ଫଳକ ଲଗାଇଛି। ତେବେ ସେଥିରେ ମଧ୍ୟ ସମ୍ପୂର୍ଣ୍ଣ ସୂଚନା ଦେଇନାହିଁ। ଏହା ପରେ ଏବେ ବେଆଇନ ଭାବେ ମାଟି ଖନନ ଓ ଚାଲାଣ କରିବା ଘଟଣା କମ୍ପାନୀର ଭୂମିକାକୁ ସନ୍ଦେହ ଘେରକୁ ଟାଣି ନେଉଛି। ଯେତେ ଦରକାର ପଡ଼ିଲେ ମଧ୍ୟ ଜଣେ ଆଦିବାସୀ ଲୋକ ନିଜ ଜମି ବିକ୍ରି କରିପାରୁନଥିବା ବେଳେ ଏକ କମ୍ପାନୀ ଜଣେ ଆଦିବାସୀଙ୍କ ରେକର୍ଡ ଜମିରୁ ବେଆଇନ ଭାବେ ମାଟି ଖନନ କରି ଚାଲାଣ କରିଛି। କମ୍ପାନୀ ବିରୁଦ୍ଧରେ ପ୍ରଶାସନ କଣ ପଦକ୍ଷେପ ଗ୍ରହଣ କରୁଛି ତାକୁ ନେଇ ଲୋକେ ଅପେକ୍ଷା କରିଛନ୍ତି।

### ୧୧ ନୁହେଁ ୨୧ ଲକ୍ଷ ଟଙ୍କା ଆମ୍ସାତ କରିଛନ୍ତି ଡାଟା ଅପରେଟର

## ଓୟୋ ହୋଟେଲରେ ରହି ଉଡ଼ାଉଥିଲେ ଟଙ୍କା

- ଅନ୍ୟ କର୍ମଚାରୀଙ୍କ ସମ୍ପର୍କ ସନ୍ଦେହ, ରିମାଣ୍ଡରେ ଆଣିବ ପୁଲିସ
- ଗିରଫ ପରେ ଦୋଷ ସ୍ୱୀକାର କଲେ, ଟଙ୍କା ଦେବାକୁ ଅମଙ୍ଗ

**ରେଢ଼ାଖୋଲ, ୨୭।୬(ସମିସ):** ରେଢ଼ାଖୋଲ ମହିଳା କଲେଜ ଜମା ଖାତାରୁ ଗତ ଡିସେମ୍ବର ମାସରୁ ଜୁନ ମାସ ଭିତରେ ୧୧ ଲକ୍ଷ ନୁହେଁ ୨୧ ଲକ୍ଷ ଟଙ୍କା ଆମ୍ସାତ କରିଥିଲେ। ଏହି ଟଙ୍କା ପ୍ରଥମେ ନିଜ ଜମା ଖାତାକୁ ନେଉଥିଲେ। ପରେ ଅନ୍ୟ ସାଙ୍ଗସାଥୀ, ପରିବାର ପରିଜନଙ୍କ ଖାତାକୁ ଟ୍ରାନ୍ସଫର କରୁଥିଲେ। ଛୁଟି ସମୟ ଓ ଛୁଟିନେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଉଥିଲେ। ଏପରିକି ଅନଲାଇନ ଗେମ, ଟ୍ରେଡିଙ୍ଗରେ ମଧ୍ୟ ଖର୍ଚ୍ଚ କରୁଥିଲେ। ସରକାରୀ ଟଙ୍କାରେ ଆମ୍ସାତ କରି ଓୟୋ ହୋଟେଲରେ ରହୁଥିଲେ। ରଙ୍ଗୀନ ଦୁନିଆରେ ଟଙ୍କା ଖର୍ଚ୍ଚା କରୁଥିଲେ ଅଭିଯୁକ୍ତ ଡାଟା ଅପରେଟର ପ୍ରଭୂଦତ୍ତ ସ୍ୱାଇଁ ଗିରଫ ହେବା ପରେ ଘଟଣା ସାମ୍ନାକୁ ଆସିଛି। ୬ ମାସ ଭିତରେ ୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦେଇଛନ୍ତି। ଗିରଫ ବେଳକୁ ତାଙ୍କ ଜମାଖାତାରେ ଟଙ୍କା ନାହିଁ। ଟଙ୍କା ଦେଇ ପାରିବେ ନାହିଁ ବୋଲି ପୁଲିସକୁ କହି ଦେଇଥିଲେ। ଅଭିଯୁକ୍ତ ପ୍ରଭୂଦତ୍ତଙ୍କ ପରିବାରକୁ ଟଙ୍କା ଦେଇନଥିବା ପୁଲିସ ଆଗରେ କହିଛନ୍ତି। ହେଲେ ପୁଲିସ ତଦନ୍ତ ଶେଷ କରି ନାହିଁ। ଏହି ଘଟଣାରେ କେବଳ ପ୍ରଭୂଦତ୍ତଙ୍କ ସମ୍ପୃକ୍ତି ନାହିଁ। କଲେଜର ଅନ୍ୟକେତେଜଣ ମଧ୍ୟ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ କରାଯାଉଛି। ତେଣୁ ତଦନ୍ତ ଚାଲୁ ରହିଛି। ଅଭିଯୁକ୍ତ ପ୍ରଭୂଦତ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ଅଣାଯିବ ବୋଲି ଥାନା ଅଧିକାରିଣୀ ସବିତାବାଳା ସେଠୀ କହିଛନ୍ତି। ରିମାଣ୍ଡରେ ଆସିବା ପରେ ପୁଲିସ ଅଧିକ ତଥ୍ୟ ହାସଲ କରି ପାରିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ଭୁବନେଶ୍ୱରର ଏକ ଓୟୋ ହୋଟେଲରୁ ପ୍ରଭୂଦତ୍ତଙ୍କୁ ଗତକାଲି ରାତିରେ ଏକ ସ୍ୱତନ୍ତ୍ର ଟିମ ଯାଇ ଗିରଫ କରିଥିଲା। ଆଜି ମେଡିକାଲ ଯାଞ୍ଚ ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟଙ୍କ ସମ୍ପୃକ୍ତି ଥିବା ନେଇ ଆଲୋଚନା ମଧ୍ୟ ହେଉଛି। କାରଣ କଲେଜ ଜମାଖାତା, କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ନଜରରେ ରହିଥାଏ। ଟଙ୍କା ଉଠାଇବା ପରେ ମୋବାଇଲକୁ ଓଟିପି ଆସିଥାଏ। ଓଟିପି ନମ୍ବର ଦେବାପରେ ଟଙ୍କା ଅନଲାଇନରେ ଟ୍ରାନ୍ସଫର ହୋଇଥାଏ। ପର୍ଯ୍ୟାୟକ୍ରମେ ଟଙ୍କା ଉଠାଇଥିଲେ। ଦୀର୍ଘ ୫ ମାସ ଧରି ଟଙ୍କା ଉଠାଗଲା ହେଲେ ପ୍ରତିମାସରେ ଅଡିଟ୍ କରାଗଲା ନାହିଁ। ଅଡିଟ ହୋଇଥିଲେ ପ୍ରଥମ ମାସରୁ ଆମ୍ସାତ ହେବା ନେଇ ଜାଣି ପରିଥାନ୍ତେ। କଲେଜର କାହା ମୋବାଇଲକୁ ଓଟିପି ଆସୁଥିଲା। କିଭଳି ଭାବେ ଜାଣି ପାରିଲେ ନାହିଁ ବୋଲି ମଧ୍ୟ ପ୍ରଶ୍ନ ଉଠୁଛି। ଯଦି ଅଟୋ ଡିଲିଟ ଅପସନ ହୋଇଥିବ ତାହା ହେଲେ ମଧ୍ୟ ମେସେଜ ଶୀଘ୍ର ଡିଲିଟ ହୋଇନଥାଏ। ତେଣୁ ବିଭିନ୍ନ ଦିଗକୁ ଦେଖିଲେ ଏକାଧିକଙ୍କ ସମ୍ପୃକ୍ତିଥିବା ସାଧାରଣରେ ସନ୍ଦେହ ଘେରକୁ ଆସୁଛି। ସୂଚନା ଯୋଗ୍ୟଯେ, ରେଢ଼ାଖୋଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ବିଦ୍ୟାଳୟ ଫି ସହିତ ଅନ୍ୟାନ୍ୟ ଅନୁଦାନ ରହିଥିବା ଜମା ଖାତାରୁ ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଜୁନ ୨୪ ତାରିଖ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। କଲେଜର ଡାଟା ଅପରେଟର ପ୍ରଭୁଦତ୍ତଙ୍କ ଜମା ଖାତାକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ୫ ମାସ ପରେ କଲେଜ କର୍ତ୍ତୃପକ୍ଷ ଏହା ଜାଣିବାକୁ ପାଇଥିଲେ। ପ୍ରଥମେ ୧୧ ଲକ୍ଷ ୫୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ପରେ ୨୧ ଲକ୍ଷ ଟଙ୍କା ଅଭିଯୁକ୍ତ ପ୍ରଭୂଦତ୍ତ ହଡପ କରିଥିବା ଜଣାପଡ଼ିଥିଲା। କଲେଜ ଖୋଲିବା ପରେ କର୍ତ୍ତୃପକ୍ଷ ଷ୍ଟାଫମାନଙ୍କ ଦରମା ସହିତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ବ୍ୟାଙ୍କ ଖାତାରେ ଆଉ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ସବୁ ଟଙ୍କା ବିଦ୍ୟାଳୟର ଡାଟା ଅପରେଟର ପ୍ରଭୂଦତ୍ତଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଜଣାଇଥିଲେ। ଏ ନେଇ ପରିଚାଳନା କମିଟିର ଏକ ଜରୁରୀ ବୈଠକ ପରେ ଥାନାରେ ଅଭିଯୋଗ କରିଥିଲେ।



# ଭବିଷ୍ୟତ ଚିନ୍ତାରେ ଏବେ ଦଳଡ଼ିଆଁ ନେତା

**ସମ୍ବଲପୁର, ୨୭।୬(ସମିସ)**

ସମ୍ବଲପୁର ଜିଲ୍ଲାରେ ବିଜେପି ଗୋଷ୍ଠୀକନ୍ଦଳ ପୂର୍ବରୁ ଲାଗି ରହି ଆସିଛି। ନିର୍ବାଚନ ପରେ ଦଳରେ ଥିବା ଜିଲ୍ଲା ଓ ରାଜ୍ୟସ୍ତରୀୟ ନେତାଙ୍କ ଆକଳନ ଓ ଆଶା ରହିଥିଲା। ଏବେ ସେମାନେ ଦ୍ୱନ୍ଦରେ ପଡ଼ିଯାଇଛନ୍ତି। କାରଣ ନିର୍ବାଚନ ସମୟରେ କେତେକ ନେତା ଦଳରେ ଯୋଗଦାନ କରିଛନ୍ତି। ପୂର୍ବରୁ ପୁରୁଣାନେତାଙ୍କ ଗୋଷ୍ଠୀ ବିବାଦ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମରୁ ଜଣା ପଡ଼ିଯାଉଥିଲା। ଏବେ ନୂଆଁ ପୁରୁଣା ଭିତରେ ମଧ୍ୟ ଛାୟା ଯୁଦ୍ଧ ଚାଲି ରହିଛି। କିଏ ରାଜ୍ୟସ୍ତରୀୟ ଓ କେନ୍ଦ୍ରସ୍ତରୀୟ ନେତାଙ୍କ ପାଖ ଲୋକ ହେବ ସେନେଇ ପ୍ରତିଯୋଗିତା ହେଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ନିଜ ନିଜ ଭିତରେ କଥା କଟା କଟି ହେବା ଆରମ୍ଭ ହୋଇଯାଇଛି। ନିଜ ନିଜ ଗ୍ରୁପ ସହିତ ଯାଇ ନେତାଙ୍କ ଫଟୋ ଉଠାଇ ସ୍ୱାଗତ କରୁଛନ୍ତି। ଏଥିରେ କେତେକ ବରିଷ୍ଠ ଓ ନୂତନଭାବେ ଯୋଗ ଦେଇଥିବା ନେତାମାନେ କୋଣଠେସା ହୋଇଯାଉଛନ୍ତି। ଦଳ ସରକାର ଗଠନ କରିବା ପରେ ଆହୁରି ଆଶା ବଢ଼ି ଯାଇଛି। ନୂତନ ଭାବେ ଆସିଥିବା କେତେକ ନେତା ଓ ବରିଷ୍ଠ ନେତାମାନେ ଦଳରେ ନିଜ ଭବିଷ୍ୟତକୁ ନେଇ ଚିନ୍ତା ମଧ୍ୟ କରିବା ଆରମ୍ଭ କରି ଦେଇଛନ୍ତି। ଏବେ ସରକାର ଗଠନ ହୋଇ ଥିବାରୁ କୌଣସି ନିଗମ କିମ୍ବା ବୋର୍ଡ ସଦସ୍ୟ, ନିର୍ଦ୍ଦେଶକ ପଦରେ ଥଇଥାନ ହେବାକୁ ବହୁ ନେତା ଆଶା ରଖିଛନ୍ତି। ଯଦି ଆଶା ପୁରା ନ ହୁଏ ତାହା ହେଲେ କଣ କରିବେ ବୋଲି ସାଧାରଣରେ ମଧ୍ୟ ଚର୍ଚ୍ଚା ହେଉଛି। ସରକାର ମନ୍ତ୍ରିମଣ୍ଡଳର ବିଭାଗ ବଣ୍ଟନ ପରେ ଯେଉଁ ସରକାର ଥିବ ବିଭିନ୍ନ ନିଗମ ଓ ବୋର୍ଡରେ ନେତାଙ୍କୁ ବସାଇଥାନ୍ତି। ତେଣୁ ରାଜ୍ୟର ବିଭିନ୍ନ ନିଗମରେ ଥଇଥାନ ହେବାକୁ ନେତାମାନେ ବ୍ୟାକୁଳ ହୋଇ ପଡ଼ିଥିବା ଆଲୋଚନା ହେଉଛି। ସେମାନଙ୍କ ଭିତରେ ଟିକେଟ ପାଇ ପରାଜୟ ହୋଇଥିବା ନେତା, ଦଳଡିଆଁ ନେତା ତଥା ଟିକେଟ ଆଶାୟୀ ଥିବା ନେତାମାନେ ରହିଛନ୍ତି। ସମ୍ବଲପୁର ଜିଲ୍ଲାରେ ଏଭଳି ନିଗମ ଆଶାୟୀଙ୍କ ସଂଖ୍ୟା ବହୁଗୁଣ ରହିଛି। ହେଲେ ରାଜ୍ୟର ସମସ୍ତ ଜିଲ୍ଲାକୁ ନେଇ ନେତାଙ୍କୁ ନିଗମ ପଦରେ ଦଳ ଥଇଥାନ କରିବ। ହେଲେ ଦଳ କାହାକୁ ଥଇଥାନ କରିବ ସେନେଇ ଅପେକ୍ଷାରେ ନେତାମାନେ ରହିଛନ୍ତି।

### ଦିଲ୍ଲୀରେ ଡେରା ପକାଇଛନ୍ତି ଆଶାୟୀ

ଏଥିରେ କେମିତି ଗୋଟିଏ ଭଲ ପଦ ମିଳିଯିବ, ସେଥିପାଇଁ ଲବି ଆରମ୍ଭ କରି ଦେଇଛନ୍ତି। କିଏ ନୂଆ ବିଧାୟକଙ୍କ ପାଖ ଛାଡୁନାହାନ୍ତି। ଦିଲ୍ଲୀ ଗସ୍ତରେ ମଧ୍ୟ ନେତାମାନେ ଯାଇଥିବା ଆଲୋଚନା କରୁଛନ୍ତି। କେହି କେହି କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟମନ୍ତ୍ରୀମାନଙ୍କ ପାଖ ଛାଡୁ ନାହାନ୍ତି। ଜିଲ୍ଲାରୁ ୪ ବିଧାନସଭାରୁ ବିଜେପି ହାତକୁ ଦୁଇଟି ଯାଇଛି। ରେଙ୍ଗାଲିରେ ବିଧାନସଭାରେ ନାଉରୀ ନାଏକ ଓ ରେଢାଖୋଲ ବିଧାନସଭାରେ ଦେବେନ୍ଦ୍ର ମହାପାତ୍ର ପରାଜିତ ହୋଇଛନ୍ତି। ସେମାନଙ୍କୁ ଦଳ ନିଗମ ଦେଇ ଥଇଥାନ କରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଦଳରେ ଦୀର୍ଘ ଦିନ ଧରି କାମ କରି ଆସୁଥିବା ଯୁବ, ମହିଳା, ବରିଷ୍ଠ ନେତାମାନେ ଚଉକି ଖୋଜିଲେଣି। ଅନ୍ୟପଟେ ଅନ୍ୟଦଳରୁ ଆସିଥିବା ନେତାମାନେ ମଧ୍ୟ ଥଇଥାନ ହେବା ଆଶାରେ ରହିଛନ୍ତି। ସେମାନଙ୍କ ଭିତରେ ଡ. ପ୍ରମୋଦ ରଥ, ଦୁଲାଲ ପ୍ରଧାନ, ମୋତିଲାଲ ତନ୍ତି, ପୁର୍ବତନ ବିଧାୟକ ବୃନ୍ଦାବନ ମାଝୀ ଭଳି ନେତା ରହିଛନ୍ତି। ଏଥିପାଇଁ ନିଜ ନିଜ ସ୍ତରରେ ଲବି ଆରମ୍ଭ ହୋଇଛି। କେଉଁ ପଦ କାହାକୁ ମିଳିବ ସେଥିନେଇ ନିଷ୍ପତ୍ତି ପ୍ରାୟ ଚୂଡ଼ାନ୍ତ ହୋଇଥିବାରୁ ଏବେ ସମସ୍ତଙ୍କ ନଜର ତାଙ୍କ ପାଖରେ ଅଟକିଛି। ନିଗମ ଓ ବୋର୍ଡରେ ବସିଲେ ଦଳର ସଂଗଠନ ପାଇଁ କାମ କରିବାକୁ ସୁବିଧା ହେବ ବୋଲି ଆଶାୟୀମାନେ କହି ବୁଲୁଛନ୍ତି। ଅନ୍ୟ ଦଳ ଛାଡ଼ି ବିଜେପିକୁ ଆସିଥିବା କିଛି ନେତା ଏବେ ନିଜ ପାଇଁ ସୁରକ୍ଷିତ ସ୍ଥାନ ମାଗୁଛନ୍ତି। ଅଧିକ ଆଶାୟୀ ସଂଖ୍ୟା ବଢ଼ି ବଢ଼ି ଚାଲିଛି।

## ସିକିଲ୍ ସେଲ୍ ସଚେତନତା କାର୍ଯ୍ୟକ୍ରମ



**ବାମରା, ୨୭।୬(ସମିସ):** କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସିକିଲ ସେଲ ସଚେତନତା ଅଭିଯାନକୁ ଗୁରୁତ୍ୱ ଦେଇ ବର୍ତ୍ତମାନ ଚାରିଆଡେ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ବାମରା ବ୍ଲକ ରଙ୍ଗିଆଟିକିରା ଓ ରବଗା ପଞ୍ଚାୟତରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବଗା ଠାରେ ସରପଞ୍ଚ ଭବାନୀ ରାଉଡ଼ିଆ, ପିଇଓ ଅରୁଣ କୁମାର ସାହୁ, ଏଡିଇଓ ସୁଶାନ୍ତ କୁମାର ପଟେଲ, ସିଏଚଓ ପ୍ରେମିଶିଳା କେର୍କେଟା, ସ୍ୱାସ୍ଥ୍ୟ କର୍ମୀ ଅବନୀ ପଟେଲ ଓ ଲତା କାଲୋ ଉପସ୍ଥିତ ଥିଲେ। ସେହିଭଳି ରଙ୍ଗିଆଟିକିରାରେ ସରପଞ୍ଚ ସମୀର କୁମାର ବରିହା, ପିଇଓ ହିମାଂଶୁ ଭୂଷଣ ପଟେଲ, ସମେତ ସ୍ୱାସ୍ଥ୍ୟ କର୍ମୀମାନେ ସାମିଲ ହୋଇ ସିକିଲ ସେଲ ରୋଗର କାରଣ, ନିରାକରଣ, ଉପଚାର ଓ ସ୍ୱାସ୍ଥ୍ୟ ସେବା ଆଦି ବିଷୟରେ ଆଲୋଚନା କରାଯାଇଥିଲେ। ଅବସରରେ ସିକିଲ ସେଲ ପୀଡିତ ମାନଙ୍କୁ ସ୍ୱାସ୍ଥ୍ୟ ସେବା ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକର ଗୋବିନ୍ଦପୁର, ବାଉଁଶଲଗା, କିନାବଗା, ସଗରା, ଓ ଗଡ଼ପୋଷ ପଞ୍ଚାୟତରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ପିଏଚ୍‌ଡି ପାଣିରେ ଜଣ୍ଡିସ୍ ସଂକ୍ରମଣ !





**ସମ୍ବଲପୁର, ୨୭।୬(ସମିସ)**

ଜଣ୍ଡିସ ବ୍ୟାପିଛି ପିଏଚଡି ବିଭାଗ ସାଧାରଣରେ ଦାୟୀ କରୁଛନ୍ତି। ପୁନେରୁ ଆସିଥିବା ଜଳପରିକ୍ଷା ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରମ୍ବାର ପାଣି ଯୋଗୁଁ ବ୍ୟାପିଥିବା ସନ୍ଦେହ କରି ସୂଚନା ଦେଉଥିଲେ। ପିଏଚଡି ନିଜ ଦୋଷ ଦୁର୍ବଳତାକୁ ଚପାଇବା ପାଇଁ ପ୍ରଭାବିତ ପଡ଼ା ଗୁଡିକରେ ପାଇପ ବଦଳାଇ ଚାଲିଛି। ହେଲେ ରୋଗ ବ୍ୟାପିବା ପରେ ପିଏଚଡିର ଚେତା ପଶିଲା କି ବୋଲି ଲୋକମାନେ କହୁଛନ୍ତି। ମୁଣ୍ଡରୁ ଦୋଷ ଛଡାଇବା ପାଇଁ ପିଏଚଡି ଯେତେ ଚେଷ୍ଟା କଲେ ମଧ୍ୟ ଲୋକଙ୍କ ଆକ୍ରୋଶର ଶିକାର ହେଉଛି। ଲୋକମାନେ ଅଭିଯୋଗ କରିଛନ୍ତିଯେ, ପିଏଚଡି ସହରରେ ଦୂଷିତ ଜଳ ଯୋଗାଣ କରି ଆସୁଛି। ଯାହାକୁ ନେଇ ଅନେକ ସମୟରେ ଅଭିଯୋଗ ହେଲେ ମଧ୍ୟ ବିଭିନ୍ନ ବାହାନ କରିଦେଉଥିଲା। କିଛି ମାସ ପୂର୍ବରୁ ହୀରାକୁଦରେ ଝାଡାବାନ୍ତି ବ୍ୟାପିବା ସହ କେତେକ ଜୀବନ ଚାଲିଯାଇଥିଲା। ଏହି ଘଟଣାରେ ମଧ୍ୟ ପିଏଚଡିକୁ ଲୋକମାନେ ଦାୟୀ କରିଥିଲେ। ପାଣି ପାଇଁ ଡାଇରିଆ ହୋଇଥିବା କୁହାଯାଉଥିଲା। ଆଜି ମଧ୍ୟ ୧୦ ବର୍ଷ ପରେ କରାଳ ରୁପ ନେଇ ପୁଣି ସମ୍ବଲପୁରକୁ ଫେରିଛି ଜଣ୍ଡିସ୍। ପୂର୍ବ ଅପେକ୍ଷା କରିବା ମୁସ୍କିଲ ସ୍ଥିତିରେ ଜଣ୍ଡିସ ପରିସ୍ଥିତି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଜି ପୁଣି ୩ ଜଣ ଚିହ୍ନଟ ହୋଇଛନ୍ତି। ମୋଟ ସଂଖ୍ୟା ୧୦୩ରେ ପହଞ୍ଚିଯାଇଛି। ସହରର ବିଭିନ୍ନ ପଡ଼ାରୁ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଛନ୍ତି। ସହରର ଅଧିକାଂଶ ପଡ଼ାର ପାଇପଲାଇନ ଫାଟି ଯାଇଛି। ପୁରୁଣା ପାଇପ ଫାଟି ଡ୍ରେନ ପାଣି ସହିତ ମିଶିବା ଦ୍ୱାରା ଜଣ୍ଡିସ ବ୍ୟାପିଥିବା କହୁଛନ୍ତି। ରୋଗୀ ଚିହ୍ନଟ ହେବା ପରେ ପାନୀୟ ଜଳଯୋଗାଣ ବିଭାଗ କୁମ୍ଭାରପଡ଼ାର, ଧୁବାପଡ଼ା, ପେନସନ ପଡ଼ାର ପାଇପ ବଦଳାଇବା ଦେବା କଷ୍ଟକର ହେବ। ହେଲେ ପିଏଚଡି ବିଭାଗ ପାଣି ଯୋଗୁଁ ବ୍ୟାପୁନଥିବା ଭଳି ସୂଚନା ଦେଉଛନ୍ତି। ଯଦି ପାଣି ଯୋଗୁଁ ବ୍ୟପୁନାହିଁ ତାହା ହେଲେ କାହିଁକି ପାଇପ ଗୁଡିକ ବଦଳାଯାଉଛି। ପାଇପ ପୁରୁଣା ଯୋଗୁଁ ବଦଳାଯାଉଛି ବୋଲି ପିଏଚଡି ବିଭାଗ ଲୋକମାନଙ୍କୁ ପଡ଼ାରେ କହୁଛି ଯାହାକୁ ନେଇ କାମ କରୁଥିବା ସ୍ଥାନରେ ଅସନ୍ତୋଷ ପରିବେଶ ସୃଷ୍ଟି ହେଉଛି। ସୂଚନା ଅନୁସାରେ ୨୦୧୪ରେ ସମ୍ବଲପୁର ସହରର ହଜାର ହଜାର ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଥିଲେ। ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଚିକିସାଧୀନ ଅବସ୍ଥାରେ ଅନେକ ଲୋକଙ୍କ ଜୀବନ ଯାଇଥିଲା ସେ ସମୟରେ ସହରର ପୁରୁଣା ପାଇପଲାଇନ ପରିବର୍ତ୍ତନ ପାଇଁ ପ୍ରାୟ ଶହେ କୋଟି ଟଙ୍କା ଅନୁଦାନ ଦେଇଥିଲେ। ନନ୍ଦପଡ଼ା ଓ ଝାଡୁଆପଡ଼ାର ପାଇପଲାଇନ ବଦଳାଇବା ବେଳକୁ ଜଣ୍ଡିସର ପ୍ରଭାବ ଯାଇଥିଲା। ଯାହା ଅନିୟମିତତା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସହାୟକ ହୋଇଥିଲା। ସେ ସମୟରେ କୋଟି କୋଟି ଟଙ୍କା ପିଏଚଡି ବିଭାଗ କରିଥିଲା ବୋଲି ଅଭିଯୋଗ ହୋଇଥିଲା। ଏବେ ପୁଣି ୧୦ ବର୍ଷ ପରେ ଦେଖା ଦେଇଛି ଜଣ୍ଡିସ ଭଳି ମାରାତ୍ମକ ରୋଗ। ସହରର କୁମ୍ଭାରପଡ଼ା, ପେନସନପଡ଼ା, ଧୁବାପଡ଼ା ଆଦି ଅଞ୍ଚଳରେ ଚିହ୍ନଟ ହୋଇଛନ୍ତି। ଅନ୍ୟ ବସ୍ତି ଅଞ୍ଚଳକୁ ବ୍ୟାପିବା ଆଶଙ୍କା ରହିଛି। ଲୋକେ ସହରର ଅବ୍ୟବସ୍ଥିତ ଜଳଯୋଗାଣ ବ୍ୟବସ୍ଥାକୁ ଦାୟୀକରି ସମଗ୍ର ସହରର ପୁରୁଣା ପାଇପଲାଇନ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି।

**ଆକ୍ରାନ୍ତ ସଂଖ୍ୟା ୧୦୩, ଚାଲିଛି ସଚେତନତା**

## ଏମ୍‌ସିଏଲ୍‌ର ନୂଆ ରେକର୍ଡ

# ୫୦ମେଟ୍ରିକ ଟନ୍ କୋଇଲା ରପ୍ତାନୀ କରିବାରେ ସଫଳ

**ବୁର୍ଲା, ୨୭।୬(ସମିସ):** ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ୨୦୨୪-୨୫ ଆର୍ଥିକ ବର୍ଷରେ ୫୦ ନିୟୁତ ଟନ୍ କୋଇଲା ରପ୍ତାନିକୁ ଅତିକ୍ରମ କରି କାର୍ଯ୍ୟକ୍ଷମ ଉତ୍କର୍ଷତା କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି ସଫଳତା ଗତ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ସାମଗ୍ରିକ ବିନିଯୋଗରେ ୭.୭ ପ୍ରତିଶତ ଅଭିବୃଦ୍ଧି ବୋଲି ଏମସିଏଲ କହିଛି। କୋଇଲା ରପ୍ତାନିରେ ୫୦ ନିୟୁତ ଟନ୍‌ର ମାଇଲଖୁଣ୍ଟ ବୁଧବାର ପହଞ୍ଚିଛି। ଯାହା ଦେଶକୁ ଇନ୍ଧନ ଯୋଗାଇବା ପାଇଁ ଏମସିଏଲର ପ୍ରତିବଦ୍ଧତାକୁ ସୂଚାଉଛି। ବିଶେଷ କରି ଭାରତର ଶକ୍ତି ଉତ୍ପାଦନ ଭିତ୍ତିଭୂମିକୁ ସମର୍ଥନ କରିବାରେ ଏମସିଏଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରେଳବାଇ ମାଧ୍ୟମରେ ପରିବେଶ ଅନୁକୂଳ କୋଇଲା ପରିବହନ କ୍ଷେତ୍ରରେ କମ୍ପାନି ୧୫ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ଏବଂ ସ୍ଥାୟୀ ଅଭ୍ୟାସ ଏବଂ ପରିବେଶ ପରିଚାଳନା ପ୍ରତି ନିଜର ସମର୍ପଣ ସହିତ ଯୋଡ଼ି ହୋଇଛି। ଟିମ୍ ଏମ୍‌ସିଏଲ୍‌ର ନିଷ୍ଠା ଓ କଠିନ ପରିଶ୍ରମକୁ ପ୍ରଶଂସା କରି ଏମସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ କାଓଲେ କହିଛନ୍ତି, ରେକର୍ଡ ସମୟ ମଧ୍ୟରେ ୫୦ ନିୟୁତ ଟନ୍ କୋଇଲା ରପ୍ତାନିକୁ ଅତିକ୍ରମ କରିବା ଆମ ଟିମର ନିରନ୍ତର ପ୍ରୟାସ ଓ ପ୍ରତିବଦ୍ଧତାର ପ୍ରମାଣ।




# ଏବିଭିପିର ହେଲ୍ପ ଡେସ୍କ



**ସମ୍ବଲପୁର, ୨୭।୬(ସମିସ):** ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜିଏମ୍‌ୟୁ କ୍ୟାମ୍ପସ ୟୁନିଟ ତରଫରୁ ବିଶ୍ୱବିଦ୍ୟାଳୟକୁ ସ୍ନାତକରେ ନାମଲେଖା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ହେଲ୍ପ ଡେସ୍କ ମାଧ୍ୟମରେ ସାହାଯ୍ୟ କରାଯାଇଥିଲା। ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ କଲେଜ ପରିସରରେ ନାମଲେଖା ପାଇଁ ଏବିଭିପିର କ୍ୟାମ୍ପସ ୟୁନିଟର କାର୍ଯ୍ୟକର୍ତ୍ତାମାନେ ସବୁ ପ୍ରକାରର ସାହାଯ୍ୟ କରିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଶ୍ୱେତାଂଶୁ ଶେଖର ବରାଇ ଉଦଘାଟନ କରିଥିବା ବେଳେ ରାଜ୍ୟ ୟୁନିଭର୍ସିଟି ସହ ସଂଯୋଜକ ୟଶବର୍ଦ୍ଧନ ତିୱାରୀ, ସମ୍ବଲପୁର ବିଭାଗ ସଂଯୋଜକ ପ୍ରିତିଶ କର, ଜିଲ୍ଲା ସଂଯୋଜକ ପ୍ରିୟଂଶୁ ମେହେର, ନଗର ସମ୍ପାଦକ ନଗେନ ରାଉତ, ନୀତେଶ ପାଣିଗ୍ରାହୀ, କ୍ୟାମ୍ପସ ୟୁନିଟ ସଭାପତି କିର୍ତ୍ତିମୟୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ୟାମ ମେଟାଲିକ୍ସ ଦ୍ୱାରା ଜଳଭଣ୍ଡାର ଜମି ଜବରଦଖଲ ଘଟଣା

# ବେଆଇନ ଦଖଲ ଉଚ୍ଛେଦ ନ ହେଲେ ଏନ୍‌ଜିଟିରେ ହେବ ମାମଲା

**ସମ୍ବଲପୁର, ୨୭।୬(ସମିସ):** ଶ୍ୟାମ ମେଟାଲିକ୍ସ ବିରୋଧରେ ଅଭିଯୋଗରେ ଲମ୍ବା ଫର୍ଦ୍ଦ ଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ବିକଳ୍ପ ଚିନ୍ତା କରିଲେଣି ସ୍ଥାନୀୟ ଲୋକେ। ଏଥର ଆଉ ସ୍ଥାନୀୟ ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କୁ ଅଭିଯୋଗ ନକରି ସିଧା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଠାରେ ଅଭିଯୋଗ କରିବାକୁ ଅଣ୍ଟା ଭିଡିଲେଣି। ଜଳ ଭଣ୍ଡାରରେ ଆସ୍ ପୋତି ଜୈବ ବିବିଧତା ନଷ୍ଟ କରିବା ସହ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲ କବଜା କରିବାକୁ କିଏ ଅଧିକାର ଦେଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ପଣ୍ଡଲୋଇଠାରେ ଥିବା ଶ୍ୟାମ ମେଟାଲିକ୍ସ ନିଶାନଭଙ୍ଗା ମୌଜାରେ ଥିବା ହୀରାକୁଦ ଜଳଭଣ୍ଡାରର ୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ପାଉଁଶ ପୋତି ନିର୍ମାଣ କାମ ସାରିଛନ୍ତି। ଯାହାକୁ ନେଇ ହୀରାକୁଦ ଜଳଭଣ୍ଡାର, ସମ୍ବଲପୁର ସଦର ଡ଼ିଏଫଓ ତଥା ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ବିଭାଗଠାରେ ଅଭିଯୋଗ ହୋଇସାରିଛି। ଅଭିଯୋଗକୁ ଭିତ୍ତି କରି ଜଳଭଣ୍ଡାର କର୍ତ୍ତୃପକ୍ଷ ମୋଟା ଅଙ୍କର ଫାଇନ କରିବା ଜୁଲାଇ ୨୦୨୩ ମସିହାରେ ଜବର ଦଖଲ ଉଚ୍ଛେଦ ପାଇଁ ନୋଟିସ ଦେଇଥିଲେ। ହେଲେ ଜବରଦଖଲ ଉଚ୍ଛେଦ କେବଳ ନୋଟିସରେ ସୀମିତ ରହିଗଲା। ଏପରିକି ଶ୍ୟାମ ମେଟାଲିକ୍ସ ବିରୁଦ୍ଧରେ କୌଣସି ଫୌଜଦାରୀ ମାମଲା ମଧ୍ୟ ରୁଜୁ ହେଲା ନାହିଁ। ଯାହାକୁ ନେଇ ନ୍ୟାୟ ଭିକ୍ଷା କରୁଥିବା ଅଞ୍ଚଳବାସୀ ଏବେ ସ୍ଥାନୀୟ ପ୍ରଶାସନଠାରୁ ଭରସା ହରାଇ ସାରିଲେଣି। ଫଳରେ ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ସାଙ୍ଗକୁ ଜଳଭଣ୍ଡାର ଭିତରେ ବେଆଇନ ପାଉଁଶ ପୋତା ଓ ନିର୍ମାଣ ପାଇଁ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ଦାୟର କରିବେ ବୋଲି ଅଣ୍ଟା ଭିଡିଛନ୍ତି। ଏହି ଘଟଣାରେ ଜଳଭଣ୍ଡାର କର୍ତ୍ତୃପକ୍ଷ, ରେଙ୍ଗାଲି ତହସିଲଦାରଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯିବ ବୋଲି ସ୍ଥାନୀୟ ଜନସମୁଦାୟ କହିଛନ୍ତି।



# କାର୍ ବାଇକ୍ ଦୁର୍ଘଟଣା, ଜଣେ ଆହତ



**ସମ୍ବଲପୁର, ୨୭।୬(ସମିସ):** କ୍ଷେତରାଜପୁର ରେଳ ଷ୍ଟେସନ ସ୍ଥିତ ଓଭରବ୍ରିଜ ଉପରେ ଆଜି ଏକ କାର ସହ ବାଇକର ଧକ୍କା ହୋଇଛି। ଯାହା ଫଳରେ ବାଇକ ଆରୋହୀ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାଅନୁସାରେ କାର(ଓଆର ୧୭ଜେ୩୧୭୩) ବିପରୀତ ଦିଗରୁ ଆସୁଥିବା ଏକ ବାଇକ (ଓଡି ୧୩ ୧୫୨୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା।

# ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ସମ୍ବଲପୁର, ୨୭।୬(ସମିସ):** ଲରପଙ୍କ ଦୁର୍ଗାପୂଜା ମଣ୍ଡପ ଠାରେ ବରିଷ୍ଠ ନାଗରିକ ସଂଘଠନ ହୀରାକୁଦ ସଭାପତି ତଥା ଦୁର୍ଗାପୂଜା କମିଟି ଲରପଙ୍କର ସଭାପତି ସୁରେନ୍ଦ୍ର କୁମାର ଚୌବେଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ସଭାରେ ସମ୍ମାନୀୟ ଅତିଥି ଭାବରେ ଜୟନାରାୟଣ ମିଶ୍ରଙ୍କ ଝିଅ ଶୁଭଶ୍ରୀ ମିଶ୍ର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଲରପଙ୍କ ଦୁର୍ଗାପୂଜା କମିଟିର କାଯ୍ୟକାରୀ ସଭାପତି ମୋତିଲାଲ୍ ବଡ଼ାଇକ ସ୍ୱାଗତ ଭାଷଣ ଦେଇଥିଲେ। ପରେ ସମ୍ପାଦକ ଯଦୁ ଓରାମ ତାଙ୍କର ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ବିଧାୟକଙ୍କ ସମୟରେ ସମ୍ବଲପୁରର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି ସମାଜସେବୀ ଗୋଲକ ବିହାରୀ ମିଶ୍ର ମତ ପ୍ରକାଶ କରିଥିଲେ। ସ୍ଥାନୀୟ ବିଭିନ୍ନ ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଏହି ସଭାରେ ଦୁର୍ଗାପୂଜା କମିଟି ଲରପଙ୍କର ସମସ୍ତ ସଦସ୍ୟ ତଥା ଆଖ ପାଖ ଅଞ୍ଚଳର ଲୋକମାନେ ଉପସ୍ଥିତ ଥିଲେ। ଶେଷରେ ଅବସରପ୍ରାପ୍ତ ଗ୍ରୁପ କ୍ୟାପ୍ଟେନ୍ ରାଜେନ୍ଦ୍ର କୁମାର ଚୌବେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ରାମ୍ ବିଦ୍ୟାମନ୍ଦିର ପକ୍ଷରୁ ଲକ୍ଷ୍ମୀପ୍ରିୟା ସମ୍ବର୍ଦ୍ଧିତ



**ସମ୍ବଲପୁର, ୨୭।୬(ସମିସ):** ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲର ଟପ୍ପର ହୋଇଥିବା ବିଶ୍ରାମ୍ ବିଦ୍ୟା ମନ୍ଦିରର ପୁରାତନ ଛାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ରାଉତଙ୍କୁ ବିଦ୍ୟା ମନ୍ଦିର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ରାମ୍ ଚେତନା ପରିଷଦର ସଭାପତି ପରମେଶ୍ୱର ଦାଶଙ୍କ ଅଧ୍ୟକ୍ଷତା ତଥା ସମ୍ପାଦକ ବିମଳ ପାଣ୍ଡିଆଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଅତିଥି ରୂପେ ଯୋଗ ଦେଇ ଲକ୍ଷ୍ମୀପ୍ରିୟାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ୫ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହା ଛଡା ଅବସରପ୍ରାପ୍ତ ପ୍ରାଧାପିକା ଡକ୍ଟର ଶ୍ରୀଲତା ମିଶ୍ର ବ୍ୟକ୍ତିଗତ ଭାବେ ନଗଦ ରାଶି ଓ ପୁଷ୍ପମାଲ୍ୟ ଦେଇ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶ୍ରାମ୍ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଜାତା ପତି, ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କମଳିନୀ ଆଚାର୍ଯ୍ୟ ପ୍ରମୁଖ ଉଦବୋଧନ ଦେଇଥିଲେ। ଶେଷରେ ଦେବଯାନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଆୟୋଜନରେ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ରୀନା ସ୍ୱାଇଁ, ସ୍ମୃତିରାଣୀ ପ୍ରଧାନ, କିରଣମୟୀ ପଣ୍ଡା, ଜାଗୃତି ମିଶ୍ର, ଦୀପ୍ତିମୟୀ ପାଣି, ସଙ୍ଗୀତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟାନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସେବକ ତ୍ରିପାଠୀ, ଡାକ୍ତର ସୁରେନ୍ଦ୍ର ପଣ୍ଡା, ମଧୁସୂଦନ ମହାନ୍ତି, ସରୋଜ କୁମାର ମହାପାତ୍ର, ଲଳିତ କୁମାର ଅଗ୍ରୱାଲ, ନଳିନୀ ବାବୁଙ୍କ ସମେତ ଲକ୍ଷ୍ମୀପ୍ରିୟାଙ୍କ ବଡ଼ବାପା ଲୋକନାଥ ରାଉତ, ପିତା କେଦାର ରାଉତ, ମାତା ସଙ୍ଗୀତା ରାଉତ ଏହି ଉତ୍ସବରେ ଯୋଗ ଦେଇଥିଲେ।

# ସକାଳୁଆ ସ୍କୁଲ୍ କରିବାକୁ ପ୍ରଶାସନକୁ ଅନୁରୋଧ

**ସମ୍ବଲପୁର, ୨୭।୬(ସମିସ):** ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟଗୁଡ଼ିକ ଖୋଲିଛି। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ମଧ୍ୟ ବଢ଼ିବାରେ ଲାଗିଛି। ମାତ୍ର ବର୍ତ୍ତମାନର ରୌଦ୍ରତାପ ଓ ପ୍ରଚଣ୍ଡ ଗୁଲୁଗୁଲି ଦିନକୁ ଦିନ ବଢ଼ିବାରେ ଲାଗିଛି। ସେଥିରୁ ନିସ୍ତାର ପାଇବାର ନା ନେଉନାହିଁ। ବର୍ତ୍ତମାନ ପରିସ୍ଥିତିରେ ଶ୍ରେଣୀଗୃହ ମଧ୍ୟରେ ଏପରି ଅବସ୍ଥା ସୃଷ୍ଟି ହେଉଛି ଯେ, ଛାତ୍ରଛାତ୍ରୀ ବସି ପାଠ ପଢ଼ିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। ଝାଳରେ ସମସ୍ତଙ୍କ ପୋଷାକ ଭିଜି ଯାଉଛି। କ୍ଲାସରୁମରେ ମଧ୍ୟ ରହି ହେଉନାହିଁ। ଯେତେ ପାଣିର ବ୍ୟବସ୍ଥା ଥିଲେ ମଧ୍ୟ ଗରମରୁ ସହି ହେଉନାହିଁ। ଯେଉଁ ବିଦ୍ୟାଳୟରେ ଟିଣ କିମ୍ବା ଏଜବେଷ୍ଟସ୍ ଛାଉଣୀ ଅଛି ସେଗୁଡ଼ିକର ଅବସ୍ଥା କହିଲେ ନ ସରେ। କେଉଁଠି ପଙ୍ଖାର ବ୍ୟବସ୍ଥା ଅଛି ତ କେଉଁଠି ତାହା ଥିଲେ ମଧ୍ୟ ବିଜୁଳିର ଲୁଚକାଳି ଖେଳ ଅବସ୍ଥାକୁ ଆହୁରି କଷ୍ଟଦାୟକ କରୁଛି। ଏପରି ଯଦି ଆଉ କିଛି ଦିନ ବିଦ୍ୟାଳୟଗୁଡ଼ିକ ଦିନ ଚାଲେ, ତେବେ ଉଭୟ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଅଂଶୁଘାତର ଶିକାର ହେବା ନିଶ୍ଚିତ। ଏଣୁ ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାର ବିଦ୍ୟାଳୟଗୁଡ଼ିକ ବର୍ଷା ଆସିବା ପର୍ଯ୍ୟନ୍ତ ସକାଳୁଆ କରାଯିବାକୁ ସମ୍ବଲପୁର ଜିଲ୍ଲା ଓଷ୍ଟାର ସମ୍ପାଦକ ହରି ନାରାୟଣ ପଣ୍ଡା ଜିଲ୍ଲା ପ୍ରଶାସନଙ୍କ ନିକଟରେ ଅନୁରୋଧ କରିଛନ୍ତି।

# ସମ୍ବଲପୁର ଲୋକମହୋତ୍ସବ ୫ଦିନ କରାଯାଉ



**ସମ୍ବଲପୁର, ୨୭।୬ (ସମିସ):** ସମ୍ବଲପୁର ଲୋକମହୋତ୍ସବକୁ ୫ ଦିନ କରିବାକୁ ଲୋକମହୋତ୍ସବ କମିଟି ପକ୍ଷରୁ ଆଜି ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ସମ୍ବଲପୁର ଲୋକମହୋତ୍ସବ ପ୍ରତିବର୍ଷ ଜାନୁଆରୀ ୪ରୁ ଆରମ୍ଭ ହୋଇ ୩ ଦିନି ଧରି ଅନୁଷ୍ଠିତ ହୁଏ। ଲୋକମହୋତ୍ସବ ସଂଯୋଜକ ଭୋଳା ମହନ୍ତଙ୍କ ନେତୃତ୍ୱରେ ବିଭିନ୍ନ କମିଟିର ଆବାହକମାନେ ଜିଲ୍ଲାପାଳଙ୍କ ସହ ଆସନ୍ତା ଲୋକମହୋତ୍ସବ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକମହୋତ୍ସବ କମିଟି ଆବାହକ ମାନସ ରଞ୍ଜନ ମିଶ୍ର, ରାହୁଲ ଗୁପ୍ତା, ନିଶିକାନ୍ତ ବିଶ୍ୱାଳ, ସୂର୍ଯ୍ୟ ଗୁରୁ, ଶ୍ରବଣ ପତି, ସୁକାନ୍ତ କର, ସୁବ୍ରତ ପଣ୍ଡା, ଡମ୍ବରୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନବୀନଙ୍କୁ ପରିବାର ସହ ଭେଟିଲେ ରେଙ୍ଗାଲି ବିଧାୟକ

# ନବୀନଙ୍କୁ ବିଧାୟକ ଭେଟି ନ ପାରିବା ବିଜେପିର ଗୁଜବ; ସୁଦର୍ଶନ

**ସମ୍ବଲପୁର, ୨୭।୬(ସମିସ)**

ନବୀନଙ୍କୁ କେହି ଭେଟିପାରନ୍ତି, ବିଧାୟକମାନେ ତାଙ୍କର ପାଖ ମାଡି ପାରନ୍ତିନି। ଏପରିକି ନବୀନ କାହାକୁ ଚିହ୍ନନ୍ତି ନାହିଁ ବୋଲି କହୁଥିବା ବିଜେପି ନେତାଙ୍କୁ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମୁହଁତୋଡ ଜବାବ ଦେଇଛନ୍ତି। ନିର୍ବାଚିତ ହେବା ପରେ ପରିବାର ସହ ଯାଇ ବିଜେଡି ସୁପ୍ରିମୋ ତଥା ବିରୋଧି ଦଳ ନେତାଙ୍କୁ ଭେଟିଛନ୍ତି ରେଙ୍ଗାଲିର ନବ ନିର୍ବାଚିତ ବିଧାୟକ ସୁଦର୍ଶନ ହରିପାଲ। ନିର୍ବାଚିତ ହେବା ପରେ ସୁଦର୍ଶନ ଏହା ପଞ୍ଚମ ଥର ପାଇଁ ଭେଟିଥିବା କହିଛନ୍ତି। ଏହା ସହ ରେଙ୍ଗାଲିର ବିକାଶ ନେଇ କେମିତି ବିଧାନସଭାରେ ଆବାଜ ଉଠିବ ସେନେଇ ମଧ୍ୟ ପରାମର୍ଶ ନେଇଛନ୍ତି। ତେବେ ୨୦ ଦିନ ଭିତରେ ନବୀନ ପଟ୍ଟନାୟକଙ୍କୁ ବିଧାୟକ ସୁଦର୍ଶନ ହରିପାଲ ୫ଥର ଭେଟିବା ଘଟଣା ସବୁଠି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଆଜି ଭୁବନେଶ୍ୱର ଗସ୍ତ କରିଥିବାବେଳେ ନିଜର ସପରିବାର ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧି ଦଳ ନେତାଙ୍କୁ ଯାଇ ସାକ୍ଷାତ କରିଛନ୍ତି। ଏହି ସମୟରେ ସୁଦର୍ଶନଙ୍କ ସହ ତାଙ୍କ ପତ୍ନୀ ନିଶା ହରିପାଲ, ପୁଅ ତୁଡେଶ୍ୱର ହରିପାଲ ଓ ହର୍ଶନ ହରିପାଲ ଉପସ୍ଥିତ ଥିଲେ। ନବୀନ ସୁଦର୍ଶନଙ୍କ ଦୁଇ ପୁଅଙ୍କୁ ଚକୋଲେଟ ଦେବା ସହ ହାଲ୍ ଚାଲ ପଚାରିବୁଝିଥିଲେ। ସୁଦର୍ଶନ ବିଜୟୀ ହେବା ପରେ ପ୍ରଥମେ ବିଜୟୀ ବିଧାୟକଙ୍କ ସହ ବୈଠକ, ଦ୍ୱିତୀୟରେ ବିଧାନସଭାରେ ଶପଥ ପାଠ, ତୃତୀୟରେ ବିରୋଧି ନେତା ଚୟନ, ପରେ ବ୍ୟକ୍ତିଗତ ଭାବରେ ଥରେ ଓ ଏବେ ପରିବାର ସହ ମିଶି ସୁଦର୍ଶନ ନବୀନଙ୍କୁ ୨୦ ଦିନରେ ୫ ଥର ଭେଟିବାର ସୁଯୋଗ ପାଇବା ସହ ରେଙ୍ଗାଲିର ବିକାଶ ନେଇ ବିଭିନ୍ନ ପ୍ରସଙ୍ଗ ରଖିଛନ୍ତି। ରେଙ୍ଗାଲିରେ ପାନୀୟ ଜଳ ସମସ୍ୟା, ସ୍ଥାନୀୟ କଳକାରାଖାନାରେ ନିଯୁକ୍ତି ପ୍ରମୁଖ ପ୍ରସଙ୍ଗରେ ନବୀନଙ୍କୁ ଅବଗତ କରାଇବା ସହ ବିରୋଧି ଦଳ ନେତା ହିସାବରେ ବିଧାନସଭାରେ ସ୍ୱର ଉଠାଇବା ପାଇଁ ଅନୁରୋଧ କରିଛନ୍ତି। ତେବେ ନବୀନଙ୍କୁ ବିଧାୟକ ଭେଟି ପାରନ୍ତି ନାହିଁ ବିଜେପି ସବୁବେଳେ ଗୁଜବ କରୁଥିବା ସୁଦର୍ଶନ କହିଛନ୍ତି। ସେ ୨୦ ଦିନରେ ୫ ଥର ଭେଟିବାର ସୁଯୋଗ ପାଇବା ସହ ବର୍ତ୍ତମାନ ସରକାରଥିବା ଶାସକ ଦଳର ବିଧାୟକ ତାଙ୍କ ମୁଖ୍ୟମନ୍ତ୍ରୀଙ୍କୁ କେତେ ଥର ଲେଖାଏଁ ଭେଟିବାର ସୁଯୋଗ ପାଉଛନ୍ତି ବୋଲି ସୁଦର୍ଶନ ପ୍ରଶ୍ନ କରିଛନ୍ତି।

**୨୦ ଦିନରେ ୫ ଥର ନବୀନ-ସୁଦର୍ଶନ ଭେଟଘାଟ**



# ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଦୀପାଳି ଓ ଝାରସୁଗୁଡ଼ା କର୍ମୀ



**ଝାରସୁଗୁଡ଼ା, ୨୭।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ଜିଲ୍ଲାର ବିଜେଡି ନେତୃବୃନ୍ଦ ସାକ୍ଷାତ କରିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ କରି ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲାର ସ୍ଥିତି ବିଷୟରେ ଅବଗତ କରାଇଛନ୍ତି। ତେବେ ବିଜୁ ଜନତା ଦଳ ସର୍ବଦା ଲୋକଙ୍କ ସେବା କରିଆସିଛି। ତେବେ ଏବେ ମଧ୍ୟ ଲୋକଙ୍କ ପାଖକୁ ଯାଇ ତାଙ୍କର ଆସ୍ଥାଭାଜନ ହୋଇ ନିଃସ୍ୱାର୍ଥ ଭାବେ ସେବା କରିବା ପାଇଁ ମାର୍ଗଦର୍ଶନ କରାଇଛନ୍ତି। ଦଳର ସମସ୍ତ ସଦସ୍ୟଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ସାହିତ କରିଛନ୍ତି। ପରିପ୍ରେକ୍ଷୀରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ପୁଅ ବିଶାଳ ଦାସ, ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତି ମିଞ୍ଜ, ଝାରସୁଗୁଡ଼ା ପୌରପରିଷଦ ଅଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, କୋଲାବିରା ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଲଇକେରା ବ୍ଲକ ଅଧ୍ୟକ୍ଷ ସଞ୍ଜିତ ନାଏକ, ବିଜୁ ଜନତା ଦଳ ଝାରସୁଗୁଡ଼ା ଜିଲ୍ଲା ସଭାପତି ରବି ସିଂ, ତାପସରାୟ ଚୌଧୁରୀ, ରଘୁମଣି ପଟେଲ, ହରିଶ ଗନାତ୍ରା, ଅଶୋକ ଦାସ, ପିହୁ ପାଢ଼ୀ, ମଦନ ହାତୀ, ତୁଳସୀ ଦାସ, ଶଶୀ ତିୱାରୀ, ଜୟ ପ୍ରକାଶ କୁଅଁର, ପ୍ରଶାନ୍ତ ଜେନା, ମହତାବ ଖାଁ, ଜାହିଦ କୁରେଶି, କୈଳାସ ନନ୍ଦ, ଗୀତାଞ୍ଜଳି ପଣ୍ଡା, ନବନିତ ର୍କୋ, ମଧୁସ୍ମିତା ସୁଭ୍ନିଲ, ନେତ୍ରାରାନି ସାହା, ଝରଣା ଭୋଇ ପ୍ରମୁଖ ବିଜେଡି ସୁପ୍ରିମୋଙ୍କ ସହିତ ସାକ୍ଷାତ କରିଛନ୍ତି।

## ଭିତ୍ତିଭୂମି ଅଭାବକୁ ଠିକା ଶିକ୍ଷକଙ୍କ ଭରସାରେ ପାଠପଢ଼ା

**ଅବ୍ୟବସ୍ଥା ଘେରରେ କେନ୍ଦ୍ରୀୟ ବିଦ୍ୟାଳୟ**

# ଶିକ୍ଷକ ଓ ସୁରକ୍ଷା କର୍ମୀ ଚଳାଉଛନ୍ତି ଅଫିସ୍

**ଦେବଗଡ଼, ୨୭।୬(ସମିସ)**

ଦେବଗଡ଼ଠାରେ ଥିବା ଏକ ମାତ୍ର କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନର ୧୪ ବର୍ଷ ପରେ ମଧ୍ୟ ବିଦ୍ୟାଳୟର ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାଳିକା ବିଦ୍ୟାଳୟ ଛାତ୍ରୀନିବାସ ସମେତ ଅନ୍ୟ କେତେକ ଟିଣ ଆଜବେଷ୍ଟ କୋଠରୀରେ ଚାଲିଛି କେନ୍ଦ୍ରୀୟ ବିଦ୍ୟାଳୟ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ଶ୍ରେଣୀ କୋଠରୀ ଅଭାବ ଯୋଗୁଁ ପ୍ରତିଶ୍ରେଣୀର ଆସନ ସଂଖ୍ୟା ଠାରୁ କମ ହେଉଛି ନାମ ଲେଖା। ଫଳରେ ବହୁ ଛାତ୍ରଛାତ୍ରୀ ନାମ ଲେଖାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ନାମରେ ରାଜ୍ୟ ସରକାର ୭ ବର୍ଷ ପୂର୍ବେ ନୂଆଁବାଲିରୋଇ ମୌଜାରେ ୧୦ ଏକର ଜମି ପ୍ରଦାନ କରିଥିଲେ ମଧ୍ୟ ଆଜିଯାଏଁ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ହୋଇ ପାରିନାହିଁ। ଛାତ୍ରଛାତ୍ରୀମାନେ ବିଜ୍ଞାନଗାର ହେଉ କି ଶୌଚାଳୟକୁ କାମଚଳା ଭାବେ ବ୍ୟବହାର କରୁଛନ୍ତି। ସେହିପରି ନିଜସ୍ୱ ଖେଳ ପଡ଼ିଆ ମଧ୍ୟ ନ ଥିବାରୁ କ୍ରୀଡା ଓ ଶାରୀରିକ ପ୍ରଶିକ୍ଷଣରୁ ବଞ୍ଚିତ ରହୁଛନ୍ତି ଛାତ୍ରଛାତ୍ରୀ। ତେବେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ପ୍ରଦତ୍ତ ନୂଆଁବାଲିରୋଇ ମୌଜାରେ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପାଇଁ ଗତ ଜାନୁଆରୀ ୧୩ ତାରିଖରେ ଭୂମି ପୂଜା କରିଥିଲେ। ଭୂମି ପୂଜାର ୬ ମାସ ବିତି ଯାଇଥିଲେ ମଧ୍ୟ କୋଠା ନିର୍ମାଣ ଦୂରକଥା ଗୋଟିଏ ଇଟା ମଧ୍ୟ ଯୋଡ଼େଇ କରାଯାଇ ପାରିନାହିଁ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଇଥିବା ପ୍ରତିଶ୍ରୁତିରେ







ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମଚାରୀମାନେ ଖୁବ ଶୀଘ୍ର ନୂଆଁ କୋଠାରେ ସମସ୍ତ ଭିତ୍ତିଭୂମି ସହ ପ୍ରବେଶ କରିବା ପାଇଁ ସ୍ୱପ୍ନ ଦେଖିଥିବା ବେଳେ ତାହା ବାସ୍ତବରେ ପରିଣତ ହୋଇପାରିନାହିଁ। ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ଥିବା ଅଭିଜ୍ଞ ଶିକ୍ଷକଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇ ଅନଭିଜ୍ଞ କଣ୍ଟ୍ରାକ୍ଟୁଆଲ ଶିକ୍ଷକଙ୍କ ହାତରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଜାରି ରହିଛି। ଫଳରେ ଅଭିଭାବକଙ୍କ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ଶିକ୍ଷା ବର୍ଷରେ ବିଦ୍ୟାଳୟରେ ୪୩୮ ଶିକ୍ଷାର୍ଥୀ ରହିଥିବା ବେଳେ ୩୦ ଶିକ୍ଷକଙ୍କ ସ୍ଥାନରେ ୧୫ ଜଣ କଣ୍ଟ୍ରାକ୍ଟୁଆଲ ଶିକ୍ଷକ ଓ ସ୍କୁଲ ଅଧ୍ୟକ୍ଷଙ୍କୁ ଛାଡି ମାତ୍ର ୯ ନିୟମିତ ଶିକ୍ଷକଙ୍କ ହାତରେ ବିଦ୍ୟାଳୟର ସମ୍ପୂର୍ଣ ଶିକ୍ଷା ବ୍ୟବସ୍ଥା ନ୍ୟସ୍ତ କରାଯାଇଛି। ସେହିପରି ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ବିଦ୍ୟାଳୟରେ ଥିବା ପିଜିଟି କମ୍ପ୍ୟୁଟର ସାଇନ୍ସ, ଟିଜିଟି ଏସଏସଟି, ଇଂରାଜୀ ଓ ସଂସ୍କୃତ ଏବଂ ପ୍ରାଥମିକ ଶ୍ରେଣୀର ଜଣେ ଅଭିଜ୍ଞ ଶିକ୍ଷକଙ୍କୁ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିବାରୁ ଚଳିତ ଶିକ୍ଷା ବର୍ଷରେ ବିଦ୍ୟାଳୟରେ ଶିକ୍ଷାଦାନର ମାନକୁ ନେଇ ଅଭିଭାବକ ମହଲ ଚିନ୍ତିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ଅଫିସ ପରିଚାଳନା ପାଇଁ ୫କର୍ମଚାରୀଙ୍କ ବଦଳରେ ଜଣେ ମଧ୍ୟ ନ ଥିବାରୁ ବିଦ୍ୟାଳୟର ଶିକ୍ଷକ ଓ ସୁରକ୍ଷା କର୍ମୀ ଅଫିସ କାର୍ଯ୍ୟ ତୁଲାଉଥିବା ଦେଖିବାକୁ ମିଳିଛି। ଯାହା ସାରା ଭାରତ ବର୍ଷରେ ବିରଳ ଥିବାରୁ ଦେଶର ଅନ୍ୟ କେନ୍ଦ୍ରୀୟ ବିଦ୍ୟାଳୟଠାରୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ। ଅନ୍ୟ ପକ୍ଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ**

# ଲଖନପୁର ଖଣି କ୍ଷେତ୍ରର ସଫେଇ କର୍ମଚାରୀଙ୍କ ଧର୍ମଘଟ

**ଝାରସୁଗୁଡ଼ା, ୨୭।୬(ସମିସ):** ଏମସିଏଲ ଲଖନପୁର କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀ ଓ ଅଧିକାରୀ ରହିବାକୁ ବନ୍ଧବାହାଲରେ ରହିଛି କଲୋନୀ। କଲୋନୀ ଅଞ୍ଚଳ ସଫେଇ କରିବାକୁ ନିଯୁକ୍ତ ରହିଛନ୍ତି ପ୍ରାୟ ୨୫୦ରୁ ଅଧିକ ସଫେଇ କର୍ମଚାରୀ। ହେଲେ ସ୍ଥାନୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସମସ୍ତ ଶ୍ରମିକ ସିଏସ୍ଏଫ, ପେନ୍ସନ୍ ରିହାତି ଓ ଜମା କ୍ଷେତ୍ରରେ ମହା ଦୁର୍ନିତି ହୋଇଥିବା ଅଭିଯୋଗ ଆଣିଛନ୍ତି ସଫେଇ କର୍ମଚାରୀମାନେ। ଯାହା ଫଳରେ ଆଜକୁ ୭ଦିନ ହେବ ଧର୍ମଘଟ କରିଆସୁଥିବା ବେଳେ ସେମାନଙ୍କୁ ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ସମର୍ଥନ ଦେଇଛି। ଏନେଇ ସଂଘ ପକ୍ଷରୁ ଏମସିଏଲର ଡାଇରେକ୍ଟର ପର୍ସନାଲଙ୍କ ସମେତ କେନ୍ଦ୍ର କୋଇଲା ମନ୍ତ୍ରୀ, ଓଡ଼ିଶା ସରକାରଙ୍କ ରାଜ୍ୟ ମନ୍ତ୍ରୀ, ଏମସିଏଲ ସିଏମଡି, ଆଞ୍ଚଳିକ ଶ୍ରମ ଆୟୁକ୍ତ ରାଉରକେଲାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ମୁତାବକ ବନ୍ଧବାହଲ କଲୋନୀ ଅଞ୍ଚଳ, ମହାପ୍ରବନ୍ଧକ କାର୍ଯ୍ୟାଳୟ, ଅନ୍ୟାନ୍ୟ ଅଫିସ୍, କ୍ଲବ, ମନ୍ଦିର ଆଦି ଅଞ୍ଚଳ ସଫେଇ କରିବାକୁ କୋଟି କୋଟି ଟଙ୍କାର ଟେଣ୍ଡର ହୋଇଥାଏ। ବିଗତ ତିନି ବର୍ଷ ହେବ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କ ସିଏମପିଏଫ ଓ ପେନସନ ପୈଠ ହେଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗତ ଦୁଇ ବର୍ଷ ହେବ ଏସ୍ଏସ୍ ଗ୍ଲାଡଷ୍ଟାନ୍ ଲଆଲ୍ କର୍ମଚାରୀ ଇଣ୍ଡଷ୍ଟ୍ରିଆଲ୍ କୋପୋରେଟିଭ ସୋସାଇଟି ଲିମିଟେଡ ନାମକ ଠିକା ସଂସ୍ଥା ଏହିକାମର କାର୍ଯ୍ୟାଦେଶ ପାଇଛି। ବର୍ଷକୁ ବର୍ଷ ଠିକାଦାର ବଦଳି ହୋଇଥିଲେ ସୁଦ୍ଧା ସେମାନଙ୍କ ମାସିକ ବେତନରୁ ଉଭୟ ପେନସନ ଓ ପିଏଫ୍ କାଟି ଦିଆଯାଉଛି। ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ଶ୍ରମିକ ନେତାମାନେ କହିଛନ୍ତି ଯେ ସଫେଇ କର୍ମଚାରୀଙ୍କ ହକ ଅଧିକାର ପ୍ରାପ୍ୟ ଦିଗରେ ହୋଇଥିବା ମହା ଦୁର୍ନୀତି ସମ୍ବନ୍ଧରେ ଏକ ତାଲିକାକୁ ସମସ୍ତ ଶ୍ରମିକ ପ୍ରଦର୍ଶନ କରିଥିଲେ। ଶେଷରେ ସଂଘର କାର୍ଯ୍ୟାଳୟ ଠାରୁ ପଦଯାତ୍ରାରେ ବାହାରି ଲଖନପୁର ଜିଏମ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଏମଙ୍କ ଅନୁପସ୍ଥିତିରେ ଏରିଆ ପର୍ସନାଲ ମ୍ୟାନେଜର ଦାବିପତ୍ର ଗ୍ରହଣ କରିଥିଲେ।



# ସରକାରୀ ଯୋଜନାରେ ହେଉଥିବା କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



**ଝାରସୁଗୁଡ଼ା, ୨୭।୬(ସମିସ):** ଝାରସୁଗୁଡା ବିଧାନସଭା କ୍ଷେତ୍ରରେ ସରକାରୀ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସମୀକ୍ଷା କରିଛନ୍ତି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ। ସ୍ଥାନୀୟ ସାର୍କିଟ ହାଉସଠାରେ ଆୟୋଜିତ ସମୀକ୍ଷା ବୈଠକରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆରଡବ୍ଲ୍ୟୁଏସଏସ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗ୍ରାମାଞ୍ଚଳ ଜଳ ଯୋଗାଣ ବ୍ୟବସ୍ଥା ଏବଂ ଝାରସୁଗୁଡା ମଙ୍ଗଳବଜାର ଠାରେ ଅର୍ବାନ ପିଏଚସି କାର୍ଯ୍ୟକ୍ଷମ କରାଯିବା ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ଚୟନ ସହ କାର୍ଯ୍ୟର ଗୁଣବତ୍ତା ରକ୍ଷା କରାଯିବାକୁ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଗ୍ରାମଗୁଡ଼ିକୁ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଜଳାଶୟଗୁଡ଼ିକର ପୁନରୁଦ୍ଧାର ଲାଗି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର ନାୟକ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଭାଗ ନେଇଥିଲେ। ଯୋଜନାଗୁଡ଼ିକର ଅଗ୍ରଗତି ନେଇ ବିଧାୟକ ପଚାରି ବୁଝିଥିଲେ।

# ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ

**ଝାରସୁଗୁଡ଼ା, ୨୭।୬(ସମିସ):** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚଲାଣ ବିରୋଧ ଦିବସ ୨୦୨୪ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ମଙ୍ଗଳ ଅଧିକାରୀ ପୁନ୍ୟବତୀ ହେଲେନଖେସ୍, ଅବକାରୀ ବିଭାଗ ଅଧିକାରୀ ସମ୍ମାନିତ ଅତିଥି ରୂପେ ଏବଂ ଅଧ୍ୟାପିକା ସବିତା ନାୟକ ମୁଖ୍ୟବକ୍ତା ରୁପେ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ପ୍ରାକସୂଚନା ପ୍ରଦାନ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତାଭା ବେହେରା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ରେ କାର୍ଯ୍ୟରତ ଅନୁଷ୍ଠାନ ପିପୁଲ୍ସ ଫୋରମ, ଭିଜେଏସଏସ୍ ଓ ଅର୍ଡର ର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସକାଳ ୮ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବେହେରାମାଲ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା କରାଯିବା ସହ ଗତକାଲି ସଂସ୍କୃତି ଭବନଠାରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପୁରସ୍କାର ବିତରଣ କରିଥିଲେ। ପରିଶେଷରେ ଅବକାରୀ ଇନସ୍ପେକ୍ଟର ପ୍ରତିଭା ବନ୍ଦନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ତାର ଛିଣ୍ଡି ୯ ଗୋରୁ ମୃତ

**ଝାରସୁଗୁଡ଼ା, ୨୭।୬(ସମିସ):** ବେଲପାହାଡ଼ ପୌରାଞ୍ଚଳ ୧୧ ନମ୍ବର ୱାର୍ଡ ମିର୍ଧାଡେରାରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୯ଟି ଗୋରୁ ପ୍ରାଣ ହରାଇଛନ୍ତି। ଗୋରୁଗୁଡିକ ମିର୍ଧାଡେରା ନିକଟ ଗୋଚରପଡ଼ିଆରେ ଘାସ ଖାଉଥିବାବେଳେ ମୁଚବାହାଲ ଗ୍ରୀଡ଼ରୁ ମିର୍ଧାଡେରା ଦେଇ ଜୁନାଡ଼ିହି ଅଞ୍ଚଳକୁ ଆସିଥିବା ୧୧ କେଭି ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା। ଫଳରେ ଏହି ତାର ସଂସ୍ପର୍ଶରେ ଆସି ୯ଟି ଗୋରୁର ମୃତ୍ୟୁ ହୋଇଛି। ବଜ୍ରପାତ ଯୋଗୁଁ ମିର୍ଧାଡେରା ନିକଟରେ ଥିବା ବିଦ୍ୟୁତ ଖୁଣ୍ଟର ପିନ ଇନସୁଲେଟର ଫାଟି ଏହି ତାର ଛିଣ୍ଡି ଯାଇଥିବା ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଛି ଏବଂ ନିରିହ ଗୋରୁଙ୍କ ଜୀବନ ଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯଦି ଗୋରୁଙ୍କ ସହ ସେଠାରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ଆହୁରୀ ବଡ଼ ଅଘଟଣ ଘଟିଥାଆନ୍ତା। ଆଗକୁ ବର୍ଷା ଦିନ ରହିଛି ବିଦ୍ୟୁତ ବିଭାଗର ଏହି ପରି ଅବହେଳା ଆଗକୁ ଲୋକଙ୍କୁ ବିପଦରେ ପକାଇ ପାରେ। ତେଣୁ ବିଦ୍ୟୁତ ବିଭାଗ ଏହାକୁ ଧ୍ୟାନଦେଇ ଆଗୁଆ ପଦକ୍ଷେପ ନିଅନ୍ତୁ ବୋଲି ଲୋକେ ଦାବି କରିଛନ୍ତି। ଅନ୍ୟପଟେ ୧୧ କେଭି ତାର ଛିଣ୍ଡି ଥିବାରୁ ବେଲପାହାଡ ମିର୍ଧାଡେରା ଅଞ୍ଚଳରେ ବିଦ୍ୟୁତ ସରବରାହ ଠପ ରହିଛି। ତାର ଯୋଡିବା ଓ ନୂତନ କପ୍ ଇନସୁଲେଟର ଲଗାଇବା ପରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହେବ ବୋଲି ବିଦ୍ୟୁତ ବିଭାଗ ସୂଚନା ଦେଇଛି।

**ବେଲପାହାଡ଼ ମିର୍ଧାଡେରା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଠପ୍**

# ପୋଷ୍ୟସନ୍ତାନ ଗ୍ରହଣ କଲେ ଦମ୍ପତି

**ଝାରସୁଗୁଡ଼ା, ୨୭।୬(ସମିସ):** ଝାରସୁଗୁଡା ଜିଲ୍ଲାପାଳଙ୍କ ହାତରୁ ରାଞ୍ଚିର ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାରେ ୩ ମାସର ପୁତ୍ର ସନ୍ତାନ ଗ୍ରହଣ କରି ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି। ଏହି ଅବସରରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଆଶିଷ ପଣ୍ଡା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ପୋଷ୍ୟ ସନ୍ତାନ କେନ୍ଦ୍ର ଝରସୁଗୁଡାର ପ୍ରବୀଣ ବାଗ ଡାନିଏଲସ ସଂସ୍ଥାର ଡାକ୍ତର ଅଙ୍କିତ ପଟ୍ଟନାୟକ ଶିଶୁ ସୁରକ୍ଷା ୟୁନିଟର ସମୀର ମିଶ୍ର ଓ ଚୁଡାମଣି ପଣ୍ଡା ଉପସ୍ଥିତ ଥିଲେ।



# କ୍ଷତିପୂରଣ ଦାବିରେ ମହୁଲପାଲି ବ୍ରିଜ୍ ରାସ୍ତାକୁ ଅବରୋଧ କଲେ ପ୍ରଜା

**ଝାରସୁଗୁଡ଼ା, ୨୭।୬(ସମିସ)**

ସୀମାନ୍ତ ମହୁଲପାଲି ବ୍ରିଜର ବାକି ଥିବା ପ୍ରାୟ ୨ କିମି ସଂଯୋଗ ରାସ୍ତା ନିର୍ମାଣ କେବେ ହେବ ବୋଲି ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜମି ପଟ୍ଟାଧାରୀ ପ୍ରଜା କଣ୍ଢେଇକେଲା ଗ୍ରାମର ଅନୀଲ କୁମାର ବାରିକ ନିଜ ଜମିର କ୍ଷତିପୂରଣ ଦାବି ନେଇ ମହୁଲପାଲି ବ୍ରିଜର ରାସ୍ତା ଉପରେ ମାଟି ବିଛାଇ ସକାଳ ସାଢ଼େ ୭ଟାରୁ ଅବରୋଧ କରିଥିଲେ। ଫଳରେ ଘଣ୍ଟାଘଣ୍ଟା ଧରି ଲଖନପୁର ବ୍ଲକ ମହୁଲପାଲି ବ୍ରିଜ ଦେଇ ବରଗଡ଼ ଜିଲାକୁ ସଂଯୋଗ ହୋଇଥିବା ରାସ୍ତାରେ ସାଧାରଣ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପରେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗର ସମାଧାନର ପ୍ରତିଶ୍ରୁତି ପରେ ଅନୀଲ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ। ଅଦୋଳନ ସ୍ଥଳକୁ ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଲଖନପୁର ଅତିରିକ୍ତ ତହସିଲଦାର କୁଳମଣି ଦଳାଇ, କଣ୍ଢେଇକେଲା ଫାଣ୍ଡି ଅଧିକାରୀ ସମରେନ୍ଦ୍ର ନାଏକ ପ୍ରମୁଖ ପହଞ୍ଚି ଅଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଫୋନ ଯୋଗେ ଯୋଗାଯୋଗ କରି ପ୍ରତିଶ୍ରୁତି ଦେବା ପରେ ଅନୀଲ ମଧ୍ୟାହ୍ନ ପ୍ରାୟ ୧ଟାରେ ରସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ। ସେ ଦୀର୍ଘ ଦିନରୁ ନିଜ ଜମିର କ୍ଷତିପୂରଣ ପାଇଁ ଦାବି କରିଆସୁଥିଲେ। ହେଲେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗ ସର୍ବଦା ଅବହେଳା କରିଥିବା ସେ ଅଭିଯୋଗ କରିଛନ୍ତି। ଶେଷରେ ସେ ଏଭଳି ଆନ୍ଦୋଳନ କରିବାକୁ ବାଧ ହୋଇଥିବା ପ୍ରକାଶ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ଏହି ବ୍ରିଜ ନିର୍ମାଣ ପାଇଁ ଗତ ୨୦୨୩ ଜୁଲାଇ ୧୨ ତାରିଖ ଦିନ ଖାତା ନମ୍ବର ୨୮୪ ରୁ ୯ ଡିସିମିଲ ଜମି ରେଜେଷ୍ଟ୍ରି କରି ତଥା ବିକ୍ରି କରି ସେ ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ଯାହର ଜମି କ୍ଷତିପୂରଣ ବାବଦକୁ ଏଯାଏ ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇନାହିଁ। ଭିଜିଟ ରେଜେଷ୍ଟ୍ରି ପାଇଁ ନଗଦ ୨୫ ହଜାର ଟଙ୍କା ନିଜେ ଅନୀଲ ଖର୍ଚ୍ଚ ବହନ କରିଥିଲେ। ହେଲେ ତାହା ମଧ୍ୟ ଏଯାଏ ମିଳିନାହିଁ। ଅନୀଲଙ୍କ ଜମିରେ କରଞ୍ଜ ଓ ଲିମ୍ବ ମିଶି ମୋଟ ୨୧ ଗୋଟି ଗଛ ଥିଲା। ତାହା ବାବଦରେ କେବଳ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ହେଲେ ସରକାରୀ ନିୟମ ଅନୁସାରେ ଆହୁରି ବକେୟା ଟଙ୍କା ଏଯାଏ ମିଳିନାହିଁ। ଠିକା ସଂସ୍ଥା ଯେତେବେଳେ ବ୍ରିଜର ନିର୍ମାଣ କାର୍ଯ୍ୟ ନିର୍ବାହ କରୁଥିଲା ସେତେବେଳେ ଅନୀଲଙ୍କ ଜମିରେ ଅସ୍ଥାୟୀ ଘର ତିଆରି କରି ସମସ୍ତ ସାମଗ୍ରୀ ରଖିବା ସହିତ ଏହାର ପ୍ରାପ୍ୟ ୨୯୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଗତ ୧ ବର୍ଷରୁ ଅଧିକ ବିତିଯାଇଥିଲେ ମଧ୍ୟ ମିଳିନାହିଁ। ପରବର୍ତ୍ତୀ ସମୟରେ ସେହି ଜମିର ଚିହ୍ନଟ ମଧ୍ୟ ଆଉ କଲାନାହିଁ ବୋଲି ଅନୀଲ ଅଭିଯୋଗ କରିଛନ୍ତି। ତେବେ କ୍ଷତିପୂରଣର ଅନୁମୋଦନ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବରଗଡ଼ ପିଡବ୍ଲ୍ୟୁଡି ଓ ଆରଆଣ୍ଡବି ବିଭାଗକୁ ଖୁବ ଶୀଘ୍ର ରିପୋର୍ଟ ପଠାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିବା ଅନୀଲ ପ୍ରକାଶ କରିଛନ୍ତି। ଏହି ମହୁଲପାଲି ବ୍ରିଜ ଉଭୟ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ସୀମନ୍ତକୁ ସଂଯୋଗ କରିଛି। ପୂର୍ବରୁ ଝାରସୁଗୁଡ଼ାରୁ ମହୁଲପାଲିରୁ ବରଗଡ଼ ଜିଲ୍ଲା ଚିଖିଲି ରାସ୍ତାର ମହାନଦୀ ଉପରେ ସୁଉଚ୍ଚ ସେତୁର ନିର୍ମାଣ କାର୍ଯ୍ୟ ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ତ୍ରୁଟି ଯୋଗୁଁ ଏକାଧିକ ଥର ଟେଣ୍ଡର ବାତିଲ ହୋଇଥିଲା। ପରେ ନୂତନ ବ୍ୟୟ ଅଟକଳ ପରେ ମୋଟ ୧୦୭.୮୬ କୋଟି ଟଙ୍କା ବ୍ୟୟ ଅଟକଳରେ ପୁନଃ ଟେଣ୍ଡର ହୋଇଥିଲା। ଯାହାକୁ ରାଜଲକ୍ଷ୍ମୀ କନ୍ଷ୍ଟ୍ରକ୍ସନ ଲିମିଟେଡ ଘରୋଇ ଠିକା ସଂସ୍ଥା ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ନିର୍ବାହ କରାଯାଇଥିଲା। ଗତ କିଛି ମାସ ହେବ ଏହି ସେତୁ ତଥା ବ୍ରିଜର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା। ଅନ୍ୟ ପଟରେ ଏହି ମହୁଲପାଲି ବ୍ରିଜ ପର୍ଯ୍ୟନ୍ତ ଝାରସୁଗୁଡ଼ା ସୀମାନ୍ତ ଅଞ୍ଚଳରୁ ବାକି ଥିବା ପ୍ରାୟ ୨ କିମି ସଂଯୋଗ ରାସ୍ତାର ନିର୍ମାଣ କାର୍ଯ୍ୟ ହୋଇନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବା ସହ ଏହି ରାସ୍ତାର ନିର୍ମାଣ ପାଇଁ ଦାବି କରାଯାଇଛି। ଏହି ରାସ୍ତା ନିର୍ମାଣ ନହେଲେ ଆଗାମୀ ବର୍ଷା ଋତୁରେ ରାସ୍ତାର ଅବସ୍ଥା ଆହୁରି ଅତି ଶୋଚନୀୟ ହେବ ବୋଲି ଆଶଙ୍କା କରାଯାଇଛି। ପୂର୍ବରୁ ଲଖନପୁର ତତ୍କାଳୀନ ତହସିଲଦାର ବିଶ୍ୱକେଶନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ପୂର୍ବରୁ କଣ୍ଢେଇକେଲା ପଞ୍ଚାୟତ ଅଫିସରେ ମହୁଲପାଲି-ଚିଖିଲି ବ୍ରିଜକୁ ସଂଯୋଗ କରୁଥିବା ରାସ୍ତା ତିଆରି ପାଇଁ ଜମି ହରାଇବାକୁଥିବା ପ୍ରଜାମାନଙ୍କ ସହିତ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ସମୟରେ ତହସିଲଦାର ଶ୍ରୀ ପାଣ୍ଡେ ପ୍ରଜାମାନଙ୍କୁ ଜମି ଅଧିଗ୍ରହଣ ପ୍ରଣାଳୀ ସମ୍ପର୍କରେ ଅଲୋକପାତ କରିଥିଲେ। ଏହା ସହ ସେ ଏହି ବ୍ରିଜ ଓ ରାସ୍ତା ହେବା ଦ୍ୱାରା ଆଗାମୀ ଦିନରେ ଲୋକମାନେ କିଭଳି ଯାତାୟାତ ସୁବିଧା ସହିତ ବ୍ୟବସାୟ, କୃଷି, ଅର୍ଥନୈତିକ ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି ପ୍ରକାଶ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ।



- ୬ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ
- ସୀମାନ୍ତରେ ବାକିଥିବା ୨ କିମି ସଂଯୋଗ ରାସ୍ତା ନିର୍ମାଣ କେବେ

# କୃଷି ଓ ଶୁଦ୍ଧ ପାନୀୟ ଜଳ ସମ୍ପର୍କିତ ଗ୍ରାମସଭା

**ଦେବଗଡ଼, ୨୭।୬(ସମିସ):** ବାରକୋଟ ବ୍ଲକ ଅନ୍ତର୍ଗତ ବଲଣ୍ଡା, ମଧପୁର, ବଳମ, କାଉଁସିବାହାଳ, ରମ୍ଭେଇ, ବସାଲଇ ଓ ଗୁରସଙ୍ଗ ଗ୍ରାମ ପଞ୍ଚାୟତରେ ଗୁରୁବାର ଜିଲ୍ଲାର ଆଗ୍ରଣୀୟ ଲୋକ ସଂଗଠନ ମହିଳା ଜନକଲ୍ୟାଣ ସଂଗଠନ ଆହ୍ୱାନ କ୍ରମେ ସ୍ୱତନ୍ତ୍ର ମହିଳା ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମ ସଭାର ମୁଖ୍ୟ ଉଦେଶ୍ୟ ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାର, ପ୍ରତ୍ୟେକ ଗାଁ, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ କିପରି ଶୁଦ୍ଧ ପାନୀୟ ଜଳ ଏବଂ ଚାଷ ଜମିକୁ କିପରି ଜଳସେଚିତ କରାଯିବ ଏହା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଅଞ୍ଚଳର



ଚାଷୀମାନେ ଫସଲ ଚାଷ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ଓ ସମସ୍ତ ପରିବାର କିପରି ନିରାପଦ ପାନୀୟ ଜଳ ପାଇପାରିବେ ଏ ନେଇ ଏକ ସ୍ୱତନ୍ତ୍ର ଗ୍ରାମସଭା କରାଯାଇଥିଲା। ଏହି ଗ୍ରାମ ସଭାରେ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର, ସିଆରପି, ଏମବିକେ, କୃଷି ମିତ୍ର, ଅଙ୍ଗନବାଡି କର୍ମୀ ଓ ଏସଏଚଜି ସଦସ୍ୟାଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଜନକଲ୍ୟାଣ ସଂଗଠନ ବାରକୋଟ ବ୍ଲକ ସଭାନେତ୍ରୀ ନୀଳିମା କାରିଗର, ସଂଯୋଜିକା ଗୋଲାପ ସାହୁ, କର୍ମୀ ତୁଳସୀ ପାତ୍ର, ଆରତୀ ପାତ୍ର, ମଲ୍ଲୀ ପାତ୍ର, କୁମୁଦିନୀ ନାୟକ, ନିରୂପମା ପାତ୍ର, ବାସନ୍ତୀ ପାତ୍ର, ଟୁନି ବେହେରା, ଉର୍ମି ପୁଷ୍ପାଞ୍ଜଳି ବେହେରା ଓ ରୀତା ବିନ୍ଧୁ ଟପ୍ପୋ ଓ ଆଞ୍ଚଳିକ ପରିଚାଳକ ବିଭୁତି ଭୂଷଣ ବିନ୍ଧାଣି ଉପସ୍ଥିତ ରହିଥିଲେ। ଅଞ୍ଚଳରେ ପ୍ରଥମ ଥର ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅଞ୍ଚଳବାସୀ ବେଶ ପ୍ରଶଂସା କରିଥିଲେ।

## ବଡ଼ବନ୍ଧପଡ଼ା ମୁକୁଳା ଡ୍ରେନ୍, ଅର୍ଦ୍ଧନିର୍ମିତ ରାସ୍ତା ଯୋଗୁଁ ଅସନ୍ତୋଷ

**ପଦ୍ମପୁର, ୨୭ ।୬ (ସମିସ):** ପଦ୍ମପୁର ଏନଏସି ଅଧିନରେ ଥିବା ୱାର୍ଡ଼ ନମ୍ବର ୬ ର ବଡ଼ବନ୍ଧପଡ଼ା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଏହି ଅଞ୍ଚଳ ଖାଲୁଆ ଥିବାରୁ ଡ୍ରେନ ପାଣି ସହଜରେ ନିଷ୍କାସିତ ହୋଇ ପାରୁନଥିବା ବେଳେ ଏଠାରେ କାର୍ଯ୍ୟରତ ଠିକାଦାର ଅନେକ ଡ୍ରେନରେ ଘୋଡ଼ଣୀ ଦେଇ ନାହାନ୍ତି । ସେହିପରି ଅଧା କଂକ୍ରିଟ କରି ବାକି ରାସ୍ତା ଛାଡି ଦେଇଥିବାରୁ ସାଧାରଣରେ ଯିବାଆସିବାରେ ଘୋର ଅସୁବିଧା ସୃଷ୍ଟି ହେଉଛି । ବିଶେଷ କରି ଛୋଟ ପିଲା ମାନେ ଏହି ରାସ୍ତାରେ ସ୍କୁଲ ଯିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅବଶିଷ୍ଟ କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ପଡ଼ାବାସୀ ଦାବି କରିଛନ୍ତି ।



## ପ୍ରାଣ ପ୍ରତିଷ୍ଠା ଅପେକ୍ଷାରେ ନବନିର୍ମିତ ପଞ୍ଚମୁଖୀ ହନୁମାନ ମନ୍ଦିର



**ଗୁଡେରପାଲି, ୨୭ ।୬(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଡେରପାଲି ଗାଁର ବ୍ରାହ୍ମଣପଡ଼ାରେ ଭୂମିଦାନ କରିଥିବା ବିଜୟ ବାରିକଙ୍କ ଜମିରେ ଗୁଡେରପାଲି ଗାଁର ଦେବତା ପରିବାରର ସଦସ୍ୟ ସହଦେବ ଦେବତା ତାଙ୍କ ବାପା ସ୍ୱର୍ଗତ ଆଶ୍ରାମ ଦେବତା ଏବଂ ମାତା ସ୍ୱର୍ଗତା କୁନ୍ତଳା ଦେବତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମାଣ କରିଥିବା ପଞ୍ଚମୁଖୀ ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ସମ୍ପୂର୍ଣ୍ଣ ହୋଇଥିବା ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବର ଶୁଭ ଲଗ୍ନ କେବେ ଆସିବ ସେ ସମୟକୁ ସମସ୍ତ ଗ୍ରାମବାସୀ ଅପେକ୍ଷା କରିଛନ୍ତି ।

## ପୂର୍ବତନ ବିଧାୟକଙ୍କ ମାତୃ ବିୟୋଗ

**ପାଇକମାଲ, ୨୭ ।୬(ସମିସ):** ପଦ୍ମପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସତ୍ୟଭୂଷଣ ସାହୁଙ୍କ ମା' ସୁଶୀଳା ଦେବୀ ସାହୁ (୯୦)ଙ୍କ ବୁଧବାର ବିଳମ୍ବିତ ରାତିରେ ମାଣ୍ଡୋସିଲ ସ୍ଥିତ ତାଙ୍କ ବାସଭବନରେ ଦେହାନ୍ତ ହୋଇଯାଇଛି । ସ୍ୱର୍ଗତ ସୁଶୀଳା ଦେବୀ ଜଣେ ଧର୍ମ ପରାୟଣା ତଥା ପରୋପକାରୀ ମହିଳା ଥିଲେ । ତାଙ୍କର ୬ ପୁଅ ବସନ୍ତ, ସତ୍ୟଭୂଷଣ, ଇନ୍ଦ୍ରମଣି, ହରିହର, ନାରାୟଣ, ଧନପତି, ୩ ଝିଅ ଶନ୍ତିଲତା, କାନ୍ତିଲତା, କୁମୁଦିନି ଓ ଦ୍ୱାଇଁ, ନାତି, ନାତୁଣି ଉପସ୍ଥିତ ଥିଲେ । ସ୍ୱର୍ଗତା ସୁଶୀଳା ଦେବୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଆଜି ତାଙ୍କ ବାସ ଭବନକୁ ଯାଇ ଅନେକ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି । ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ପଞ୍ଚମ ପୁଅ ନାରାୟଣ ସାହୁ ମୁଖାଗ୍ନି ଦେଇଥିଲେ । ପଦ୍ମପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ଟଙ୍କଧର ସାହୁଙ୍କ ସ୍ୱର୍ଗତା ସୁଶୀଳା ଦେବୀଙ୍କ ନାତି ଅଟନ୍ତି ।



### ଦୁର୍ଘଟଣା ଡାକୁଛି ଜାତୀୟ ରାଜପଥ

# ବିପଦପୂର୍ଣ୍ଣ ବରଗଡ଼ ସହର ପ୍ରବେଶ ପଥ, କେବେ ନିର୍ମାଣ ହେବ ଅଣ୍ଡରପାସ୍

**ବରଗଡ଼, ୨୭।୬(ସମିସ)**

ବରଗଡ଼ ସହର ଦେଇ ୫୩ ନମ୍ବର ଜାତୀୟ ରାଜପଥ ଲମ୍ବି ଯାଇଛି । ଯାହାକି ସବୁବେଳେ ବରଗଡ଼ବାସୀଙ୍କ ପାଇଁ ବିପଦ ଡାକି ଆଣୁଛି । ଜାତୀୟ ରାଜପଥରୁ ବରଗଡ଼ ସହରକୁ ପ୍ରବେଶ କରିବା ପାଇଁ ରହିଥିବା ଦୁଇଟି ଛକ ତ୍ରୁଟିପୂର୍ଣ୍ଣ ନକସା ଯୋଗୁଁ ବିପଦପୂର୍ଣ୍ଣ ହୋଇଥିବା ବେଳେ ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଫଳରେ ଜନସାଧାରଣ ଉକ୍ତ ରାସ୍ତାରେ ବରଗଡ଼ରୁ ବାହାରିବା କିମ୍ବା ପ୍ରବେଶ କରିବା ସମୟରେ ନିଜର ଜୀବନ ବାଜି ଲଗାଇ ଯାତାୟତ କରୁଥିବା ପରିଲକ୍ଷିତ ହେଉଛି । ବରଗଡ଼ ସହର ଦେଇ ଯାଇଥିବା ଜାତୀୟ ରାଜପଥରେ ଯାତାୟତ ପାଇଁ ସବୁବେଳେ ସହରବାସୀଙ୍କ ଅଭିଶାପ ପାଲଟିଛି । ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ସହରର ଦୁଇଟି ପ୍ରବେଶ ପଥ ବିପଦପୂର୍ଣ୍ଣ ରହିଛି । ଜାତୀୟ ରାଜପଥରୁ ବରଗଡ଼କୁ ପ୍ରବେଶ କରିବା ପାଇଁ ସମ୍ବଲପୁର ପଟୁ ବିକାଶ ହସପିଟାଲ ସାମନାରେ ଗୋଟିଏ ଛକ ଥିବା ବେଳେ ଆଉ ଗୋଟିଏ ରାୟପୁର ପଟୁ ଆସିବା ବେଳେ ହଲଦିପାଲି ନିକଟରେ ରହିଛି । ମୁମ୍ବାଇରୁ କୋଲକତାକୁ ଲମ୍ବି ଯାଇଥିବା ଏହି ଜାତୀୟ ରାଜପଥ ପୂର୍ବରୁ ଭଟଲି ଛକ ଦେଇ ଯାଇଥିଲା । ପରବର୍ତ୍ତି ସମୟରେ ଉକ୍ତ ରାସ୍ତା ଚାରି ଥାକିଆ ବିଶିଷ୍ଟ ହେବା ସହ ତାହା ସହର ବାହାରରେ ନିର୍ମାଣ ହୋଇଥିଲା । ତେବେ ନୂତନ ବାଇପାସ ରାସ୍ତା ନିର୍ମାଣ ପରେ ସମ୍ବଲପୁର ପଟୁ ଆସୁଥିବା ଗାଡ଼ିଗୁଡିକ ବିକାଶ ହସପିଟାଲ ସାମନାରେ ଥିବା ଛକରୁ ସହର ମଧ୍ୟରେ ଥିବା ସିଙ୍ଗଲ ରାସ୍ତାକୁ ପ୍ରବେଶ କରିଥାନ୍ତି । ଅନ୍ୟ ପକ୍ଷରେ ସହର ଭିତର ଦେଇ ଯାଉଥିବା ଗାଡ଼ିଗୁଡିକ



ରାସ୍ତା ବଦଳ କରି ଡାହାଣ ପଟ ରାସ୍ତା ଧରିଥାନ୍ତି । ଏହି ସ୍ଥାନରେ ଅଣ୍ଡର ପାସର ଆବଶ୍ୟକ ଥିବା ବେଳେ ଅତି ସାଧାରଣ ଭାବରେ ସହର ଭିତର ରାସ୍ତାକୁ ଜାତୀୟ ରାଜପଥ ସହ ଯୋଡ଼ି ଦିଆଯାଇଛି । ଏଥିପାଇଁ ପୂର୍ବରୁ ଦାବି ହୋଇ ଆସୁଥିଲେ ମଧ୍ୟ ରାସ୍ତା ନିର୍ମାଣ କରିଥିବା ଠିକା ସଂସ୍ଥା ଅଶୋକା ବିଲ୍ଡକନ ଏଯାଏଁ ଏଥିପ୍ରତି ଆଦୌ ଧ୍ୟାନ ଦେଇନାହିଁ । ସେହିପରି ହଲଦିପାଲି ଛକ ନିକଟରେ ଥିବା ଆଉ ଏକ ପ୍ରବେଶ ରାସ୍ତାର ମଧ୍ୟ ସମାନ ଅବସ୍ଥା । ବରଗଡ଼ ପଟୁ ଯାଉଥିବା ଗାଡ଼ିଗୁଡିକ ବାମ ପଟରୁ ଯାଇ ଫୋରଲେନକୁ ଧରିବାରେ କୌଣସି ଅସୁବିଧା ନଥିବା ବେଳେ ଏହି ସ୍ଥାନରୁ ରାୟପୁର ପଟରୁ ଆସୁଥିବା ଗାଡ଼ିଗୁଡିକ ଭୁଲ ରାସ୍ତାରେ ପ୍ରବେଶ କରି ବରଗଡ଼ ମଧ୍ୟକୁ ଆସିଥାନ୍ତି । ଏଠାରେ ମଧ୍ୟ ଗୋଲ ଛକ କିମ୍ବା ଫ୍ଲାଏଓଭର ଆବଶ୍ୟକତା ରହିଛି ବୋଲି ପୂର୍ବରୁ ଆସିଥିବା ଏକ ବୈଷୟିକ ଦଳ ସ୍ୱୀକାର କରିଥିଲେ । ମାତ୍ର ରାସ୍ତା ନିର୍ମାଣ କରିଥିବା ସଂସ୍ଥା ଅଶୋକା ବିଲ୍ଡକନ ଏହି ରାସ୍ତାରୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଟୋଲ ଆଦାୟ କରୁଥିବା ବେଳେ ଏହି ଉଭୟ ଛକରେ ଲାଗି ରହିଥିବା ସମସ୍ୟା ପ୍ରତି କେବେବି ଗୁରୁତ୍ୱ ଦେଇନାହିଁ । ଏହି ଉଭୟ ଛକରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଭବିଷ୍ୟତରେ ବଡ଼ ଧରଣରର ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିବ ନାହିଁ । ସୂଚନାଯୋଗ୍ୟ ଯେ ଗତ ୨୦୨୦ ରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ବରଗଡ଼ ଜିଲ୍ଲା ଗସ୍ତ କରି ସମ୍ବଲପୁର-ଲୋହରାଚଟୀ ଜାତୀୟ ରାଜପଥର ରେଙ୍ଗାଲକ୍ୟାମ୍ପ ଛକରେ ଦୁର୍ଘଟଣା ରୋକିବା ନେଇ ପଦକ୍ଷେପ ନିଆଯିବା ସହ ବିକାଶ ହସପିଟାଲ ଛକରେ ଅଣ୍ଡରପାସ ଓ ଫ୍ଲାଏ ଓଭର ନିର୍ମାଣ, ଘୁଲିଛକ ପାର୍ଶ୍ୱରେ ରୋଡ ନିର୍ମାଣ, ଭଟଲି ରୋଡ ନିକଟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଉଭୟ ପାର୍ଶ୍ୱରେ ସ୍ଲିପ ରୋଡ ନିର୍ମାଣ, ହଲଦିପାଲି ଛକରୁ ସହରକୁ ପ୍ରବେଶ କରିବା ପଥରେ ଦୁର୍ଘଟଣା ରୋକିବା ତଥା ରାସ୍ତାର ସୌନ୍ଦର୍ଯ୍ୟକରଣ ସମେତ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଇତି ମଧ୍ୟରେ ୩ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏଠାରେ ସମାନ ଅବସ୍ଥା ଜାରି ରହିଛି । ଏଣୁ ଏହି ଦୁର୍ଘଟଣା ପ୍ରବଣ ଛକଗୁଡିକରେ ତୁରନ୍ତ ଉପଯୁକ୍ତ ବୈଷୟିକ ସମ୍ପନ୍ନ ଗମନାଗମନ ସହ ଗୋଲ ଛକ କିମ୍ବା ଅଣ୍ଡରପାସ ତିଆରି କରାଯିବାକୁ ଦାବି ହେଉଛି ।

## ବାବା ଅନାଦି ଦାଶଙ୍କ ଘର ଭାଙ୍ଗିଲା ହାତୀ, ସାହାଯ୍ୟ ମିଳିବ କେବେ

**ପାଇକମାଲ, ୨୭ ।୬ (ସମିସ) :**ପାଇକମାଳ ନୃସିଂହନାଥ ମନ୍ଦିରରୁ ପ୍ରାୟ ୩ କିମି ଦୂରରେ ଏକ ଶିବମନ୍ଦିର ଅବସ୍ଥିତ ଯାହା ଗୁପ୍ତେଶ୍ୱର ଶିବ ମନ୍ଦିର ଭାବରେ ପ୍ରସିଦ୍ଧ । ସେହି ମନ୍ଦିର ରାସ୍ତାରେ ପଡୁଥିବା କେରାବୁରେଇ ଆଶ୍ରମକୁ ସମସ୍ତେ ଜାଣନ୍ତି । ଏହି ଛୋଟିଆ ମନ୍ଦିର ଚାରି ପାଖରେ ଯେପରି ପ୍ରକୃତି ରାଣୀ ନିଜକୁ ସଜାଇ ହୋଇ ଶିବ ବାବାଙ୍କ ପାଖରେ ସବୁବେଳେ ବିଦ୍ୟମାନ । ଝରଣା ଟିଏ ମଧ୍ୟ ଦିନରାତି ବହି ଚାଲିଛି ଏଠାରେ । ପାଖରେ ଗୋଟିଏ ଛୋଟିଆ କୁଟୀରରେ ବାସ କରନ୍ତି ବାବା ଅନାଦି ଦାଶ । ନିର୍ଜନ ଜଙ୍ଗଲ ମଧ୍ୟରେ ଏକାକୀ ରହନ୍ତି ବାବା ଅନାଦି ଦାଶ । ଅନାଦି ବାବା କହିଲେ ସମସ୍ତେ ତାଙ୍କୁ ଜାଣନ୍ତି । ଦୁଃଖର ବିଷୟ ତାଙ୍କର କୁଟୀରକୁ ଗତ ୨୧/୬ ଦିନ ସନ୍ଧ୍ୟା ରେ ଗୋଟିଏ ବଣୁଆ ହାତୀ ଆସି ଉଜାଡି ଦେଇ ଥିଲା । ଏନେଇ ବାବା ନୃସିଂହ ନାଥ ସ୍ଥିତ ବନବିଭାଗ ରେଞ୍ଜରଙ୍କୁ କିଛି ସାହାଯ୍ୟ ଭିକ୍ଷା ପାଇଁ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ତାଙ୍କୁ ସାହାଯ୍ୟ ତ ଦୂରର କଥା ବନବିଭାଗର କୌଣସି କର୍ମଚାରୀ ତଦନ୍ତ ପାଇଁ ମଧ୍ୟ କେହି ସେଠାକୁ ଗଲେ ନାହିଁ । ବାବା ଅନାଦି ସବୁ ବିଷୟ ଜଣାଇ କିଛି ସାହାଯ୍ୟ ମିଳି ପାରିବକି ବୋଲି ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ବର୍ଷ ମଧ୍ୟ ହାତୀ ତାଙ୍କ ଘର ଭାଙ୍ଗି ଦେଇଥିଲା । ବନ ବିଭାଗକୁ ଜଣାଇବା ପରେ ବନ ବିଭାଗ ପକ୍ଷରୁ କେବଳ ୧୦ କେଜି ଚାଉଳ ଦେଇ ଚୁପ ରହି ଯାଇଥିଲେ ।



## ରକ୍ତଶିକୁଳି ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର, ୨୭ ।୬ (ସମିସ):** ସ୍ଥାନୀୟ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ପଦ୍ମପୁର ପରିସରରେ ବିଶ୍ୱ ରକ୍ତ ଶିକୁଳି ସଚେତନତା ପରିପ୍ରେକ୍ଷୀରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଆଜି ନବମ ଦିବସରେ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦମପୁର ସରକାରୀ ଡାକ୍ତରଖାନାର ବରିଷ୍ଠ ମେଡିସିନ ବିଶେଷଜ୍ଞ ଡା. ଯଦୁମଣି ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ରକ୍ତ ଶିକୁଳି ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା କରିଥିଲେ । ଅଧ୍ୟାପିକା ସଙ୍ଗୀତା ଗୌନ୍ତିଆ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏହି ରକ୍ତ ଶିକୁଳି ସଚେତନତା କାର୍ଯ୍ୟକ୍ରମ ଜୁନ ୧୯ ରୁ ଆରମ୍ଭ ହୋଇଛି ଓ ଏହା ଜୁଲାଇ ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

ବରପାଲି, ୨୭ ।୬ (ସମିସ):ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାରି ଦିନିଆ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି । ଶିକ୍ଷା ବିକାଶ ସମିତି ଓଡ଼ିଶା ପଶ୍ଚିମ ସମ୍ଭାଗ ଅର୍ନ୍ତଗତ ମାଧ୍ୟମିକ ବିଭାଗର ୨୦୫ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ କାର୍ଯ୍ୟଶାଳା ଉଦଘାଟିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବରେ ସହକାରୀ ଶିକ୍ଷାଧିକାରୀ ରତ୍ନ କୁମାର ଭୋଇ ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପଶ୍ଚିମ ସମ୍ଭାଗ ଡ.ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ । ।ସମ୍ଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର ଉଦ୍ଦେଶ୍ୟ ଉପସ୍ଥାପନା କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଡା.ଶଙ୍କର୍ଷଣ ମେହେର ମାର୍ଗଦର୍ଶନ ପ୍ରଦାନ କରିଥିଲେ । ସମ୍ପାଦକ ରାଜେଶ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ ଧର୍ମେନ୍ଦ୍ର ପୂଜାରୀ ସଂଯୋଜନା କରିଥିଲେ । ଏଥିରେ ୨୦୫ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସାମିଲ ହୋଇଛନ୍ତି ।

## ପହିଲି ମୌସୁମୀରେ ଭିଜିଲା ମାଟି ବିହନ ବୁଣାରେ ଚାଷୀ ତତ୍ପର

**ପଦ୍ମପୁର, ୨୭ ।୬ (ସମିସ):** ଜମି ପ୍ରସ୍ତୁତ କରି ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଚାଷୀ ମୌସୁମୀ ଆସିବା ପରେ ହସ ଫୁଟିଛି । ସୋମବାର ରାତିରରେ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳରେ ଭଲ ବର୍ଷା ସହିତ ସକାଳେ କିଛି ସମୟ ଝିପି ଝିପି ବର୍ଷା ଲାଗି ରହିଥିଲା । ପଦ୍ମପୁର ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀ ମାନେ ପାଗ ଅନୁକୂଳ ଦେଖି ବିହନ ବୁଣିଥିବା ବେଳେ ଏବେ ମୌସୁମୀ ବର୍ଷାରେ ଖୁସି ବ୍ୟକ୍ତ କରିଛନ୍ତି । ତେଣେ ପାଗର ପରିବର୍ତ୍ତନ ଯୋଗୁଁ ଲୋକମାନେ ମଧ୍ୟ ଆନନ୍ଦିତ । ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଭାଜି ହେଉଥିବା ପଦ୍ମପୁରବାସୀ ଏବେ ବର୍ଷାର ଶୀତଳ ସ୍ପର୍ଶରେ ଆଶ୍ୱସ୍ତ ହୋଇଛନ୍ତି । ବିଶେଷ କରି ଆସନ୍ତା୨୪ ଘଣ୍ଟାରେ ପାଗ ପରିବର୍ତ୍ତନର ସୂଚନା ପାଇ ଚାଷୀ ଉତ୍ସାହିତ ହୋଇ ଚାଷକାର୍ଯ୍ୟକୁ ଆଗେଇ ନେଇଛି । ଜୁନ ମାସରେ ଆବଶ୍ୟକ ଠାରୁ କମ୍ ବର୍ଷା ହୋଇଥିବାରୁ ଚାଷୀ ଚିନ୍ତାରେ ପଡ଼ିଥିଲା । ମାତ୍ର ଆଗକୁ ଲଘୁଚାପ ବର୍ଷା ଥିବାରୁ ଚାଷ କାର୍ଯ୍ୟ ଆଗେଇବ ବୋଲି ଚାଷୀ ମାନେ କହିଛନ୍ତି । ସେହିପରି ଚାଷୀ ମାନେ ଯେପରି ଠିକ ସମୟରେ ସାର, ବିହନ ଉଚିତ ମୂଲ୍ୟରେ ପାଇପାରିବେ ସେନେଇ କୃଷି ବିଭାଗ ଉଦ୍ୟମ କରିବା ପାଇଁ ଚାଷୀ ମାନେ ମତ ଦେଇଛନ୍ତି ।

## ୱାର୍ଡସଭ୍ୟଙ୍କ ଅକାଳ ବିୟୋଗ

**ଦହିତା, ୨୭ ।୬ (ସମିସ):** ପଦ୍ମପୁର ଉପଖଣ୍ଡ ଦହିତା ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗୁରି ଗ୍ରାମର ୱାର୍ଡସଭ୍ୟ ବିନ୍ଦ କଳେତ(୩୦)ଙ୍କ ଅକାଳ ବିୟୋଗ ହୋଇଛି । ଶ୍ରୀ କଳେତଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବରପାଇ ବିଧାୟିକା ବର୍ଷା ସିଂଙ୍କ ଭାଇ ଯୁବନେତା ଭୋଜରାଜ ସିଂ ବରିହା, ରାଜା ପଟ୍ଟନାୟକ, ଦହିତା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚିତ୍ତରଞ୍ଜନ ପାଣ୍ଡେ, ଦହିତା ୱାର୍ଡ ମେମ୍ବର ପ୍ରତିନିଧି ଚନ୍ଦ୍ର ଭୋଇ, ରାଧେଶ୍ୟାମ ମେହେର ଓ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ ପାଇଁ ଆସିଥିଲେ ।



## ଜିଲ୍ଲା ଗୌଣ୍ଡ ସମାଜର ଶ୍ରଦ୍ଧାଞ୍ଜଳି ବୈଠକ

**ବରପାଲି, ୨୭ ।୬ (ସମିସ):**ବରପାଲି ବ୍ଲକ କୁଶନପୁରୀ ଆନନ୍ଦଭବନ ପରିସରରେ ବରଗଡ଼ ଜିଲ୍ଲା ଗୌଣ୍ଡ ମହାସଭା ସମିତି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । ଜିଲ୍ଲା ସଭାପତି ଭାଗିରଥି ସିଂହଙ୍କ ସଭାପତିତ୍ୱରେ ପରିଚାଳିତ ସଭାକୁ ସମ୍ପାଦକ ଧନେଶ୍ୱର ସିଂ ସଂଯୋଜନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଓଡ଼ିଶା ପ୍ରଦେଶ ସଭାପତି ମହେନ୍ଦ୍ରନାଏକ, ସଂଗଠନ ସମ୍ପାଦକ ପ୍ୟାରିମୋହନ ବାରିକ, ଝାରସୁଗୁଡା ଜିଲ୍ଲା ସଭାପତି ଡମ୍ବରୁଧର ନାଏକ, ବଲାଙ୍ଗୀର ସଭାପତି ଶ୍ୟାମସୁନ୍ଦର ଭୋଇ, ଅନୁଗୁଳ ସଭାପତି ସଦାଶିବ ନାଏକ, କାର୍ଯ୍ୟାଳୟ ସମ୍ପାଦକ ଚୁଡାମଣି ଧରୁଆ, ବରଗଡ଼ ଜିଲ୍ଲା ମହିଳା ସଭାନେତ୍ରୀ ଯାଜ୍ଞସିନୀ ଭୋଇ, ଆହ୍ଲାଦିନୀ ଧରୁଆ, ଗୀତା ଧରୁଆ, ମମତା ଧରୁଆ, ଦିପାଞ୍ଜଳୀ ଧରୁଆ, ରୂପେଶ୍ୱରୀ ଛତ୍ରିଆ, ଇନ୍ଦ୍ରାଣୀ ଭୋଇ, ସରୋଜ ଧରୁଆ, ବେଲାରସେନ ପୁଟ୍ଟା, ରମେଶ ଜଗତ, ଚୈତୁ ସିଂଦାଉ, ଭାଗବତିଆ ସିଂଦାଉ, ଲକ୍ଷ୍ମିସିଦ୍ଧାର, ଚିତ୍ତରଞ୍ଜନ, ଦୁର୍ଯ୍ୟୋଧନ ପୁଟ୍ଟା, ଜୟସିଂ ଦାଉ ସମେତ ଜିଲ୍ଲା କମିଟି, ଗୁଡି କମିଟି ସଦସ୍ୟ ମାନେ ସାମିଲ ହୋଇଥିଲେ । ଜିଲ୍ଲା ଗୌଣ୍ଡ ମହାସଭା ସମିତି କୋଷାଧ୍ୟକ୍ଷ ତଥା କୁଶନପୁରୀ ଗୌନ୍ତିଆ ଚୁଡାମଣୀ ରାଏଙ୍କ ବିୟୋଗକୁ ନେଇ ଏକ ଶୋକସଭା ଆୟୋଜିତ ହୋଇଥିଲା । ଉପସ୍ଥିତ ଭଦ୍ରମଣ୍ଡଳୀ ଚୁଡାମଣୀ ବାବୁଙ୍କ ମାନବୀୟ ଗୁଣ, ସାମାଜିକ ବ୍ୟବସ୍ଥାରେ ପାରଦର୍ଶୀତା, ବଦାନ୍ୟତା, ଉଦାରପଣ, ସହଭାଗିତା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ସଂଘ ପକ୍ଷରୁ ଶୋକାକୂଳ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଥିଲେ । ସମିତି ପକ୍ଷରୁ ନୂତନ ଜିଲ୍ଲା ଓ ବ୍ଲକ କମିଟି ମାନ ପୂନର୍ଗଠନ ଦିଗରେ ଅଗ୍ରଗତି ନେବାକୁ ସିଦ୍ଧାନ୍ତ ନେଇଥିଲେ । ପରିଶେଷରେ ମହାସଚିବ ଧନେଶ୍ୱର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।



### ଏକା ସାଥିରେ ଜଳିଲା ବଜ୍ରପାତରେ ମୃତ ୩ ଜଣଙ୍କ ଜୁଇ

# କାନ୍ଦବୋବାଳିରେ ଫାଟି ପଡୁଛି ଦେବାନଡ଼ିହି ଗାଁ

**ବରଗଡ଼/ପଦ୍ମପୁର, ୨୭ ।୬(ସମିସ)**

ପଦ୍ମପୁର ଉପଖଣ୍ଡ ଖଲିଆପାଲି ପଞ୍ଚାୟତ ର ଦେବାନଡିହି ଗାଁ । ଦୁଇଟି ୱାର୍ଡ ରେ ୭୦୦ ଶହ ଲୋକ ରୁହନ୍ତି । ଗାଁର ସମସ୍ତେ ଚାଷ କାର୍ଯ୍ୟ କରି ନିଜ ଜୀବନ ଜୀବିକା ନିର୍ବାହ କରିଥାନ୍ତି । ସମସ୍ତେ ଏକାଠି ମିଶି ଗାଆଁ ରେ ବିଭିନ୍ନ ପର୍ବ ପର୍ବାଣୀ ପାଳନ କରି ଖୁବ୍ ଭଲରେ ଚଳି ଆସୁଥିଲେ । ଗତକାଲି ଏହି ଗାଆଁ ରେ ଅଚାନକ କାଳ ମାଡ଼ି ଆସିଥିଲା ଆଉ ନିମିଷକ ମଧ୍ୟରେ ସମସ୍ତଙ୍କ ମନରେ ଶୋକ ର ଛାୟା ଖେଳି ଯାଇଥିଲା । ଅପରାହ୍ନ ସମରେ ବିଲରେ କାମ କରୁଥିବା ବେଳେ ଅଚାନକ ଝଡ ତୋଫାନ ଆସିଥିଲା ଆଉ ଖୁବ୍ ଜୋର୍ ଜୋର୍ ରେ ବିଜୁଳି ମରିଥିଲା । ବିଲରେ କାମ କରୁଥିବା ୫ ଜଣ ଘରକୁ ଫେରି ନ ପାରି ଗୋଟେ ବରଗଛ ମୂଳରେ ଆଶ୍ରୟ ନେଇଥିଲେ ଆଉ ଠିକ୍ ସେହିଠାରେ ହିଁ ଖୁବ୍ ଜୋର୍ ରେ ବଜ୍ରପାତ ହୋଇଥିଲା । ଧନୁର୍ଜୟ ନାୟକ, ଶୁକଦେବ ବଞ୍ଜୋର, ନିରୋଜ୍ କୁମାର ଟଳି ପଡ଼ିଥିଲେ ଓ ଆଉ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ପଦ୍ମପୁର ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତରଖାନାରେ ୩ ଜଣ ଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଜଣକୁ ବୁର୍ଲା ଡାକ୍ତରଖାନା କୁ ସ୍ଥାନାନ୍ତର କରିଥିଲେ । ଆଜି ସକାଳୁ ପଦ୍ମପୁର ଡାକ୍ତରଖାନା ରେ ପୋଷ୍ଟମର୍ଟମ ସରିବା ପରେ ଶବ ଗାଁ କୁ ନିଆଯାଇଥିଲା । ଅଚାନକ ନିଜ ଲୋକଙ୍କୁ ହରାଇ ଗା ସାରା କାନ୍ଦବୋବାଳି ପଡ଼ିଥିଲା । ଆଜି ୩ ଜଣ ଙ୍କୁ ଗୋଟିଏ ବିଲ ମଧ୍ୟରେ ୩ ଗୋଟି ଜୁଇରେ ଅନ୍ତିମ ସଂସ୍କାର କରାଯାଇଥିଲା । ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପଦ୍ମପୁର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଏସ ଡି ପି ଓ ବିଭୂତି ଭୂଷଣ ଭୋଇ, ସମାଜସେବି ଭୋଜରାଜ ସିଂ ବରିହା, ସାମ୍ବାଦିକ ରତ୍ନମଣି ଶତପଥୀ, ପ୍ରଦୀପ୍ତ କିଶୋର ଦାଶ, ରମେଶ ବାରିକ, ପୂର୍ବତନ ସରପଞ୍ଚ ସୁଦାମ ପ୍ରଧାନ, ଦୁଷ୍ମନ୍ତ ପଟେଲ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକକୁଳ ପରିବାରକୁ ସମବେଦନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସରକାରୀ ସହାୟତା ଦେବାକୁ ଘୋଷଣା କରିଛନ୍ତି । ଆହତ ଦୁଇ ଜଣଙ୍କୁ ରେଡକ୍ରସ ତରଫରୁ ଶୀଘ୍ର ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ କହିଛନ୍ତି । ମୃତକଙ୍କ ରିପୋର୍ଟ ସରକାରଙ୍କ ପାଖକୁ ପଠା ଯାଇଛି । ଖୁବ୍ ଶୀଘ୍ର ତାଙ୍କ ପରିବାରଙ୍କୁ ସହାୟତା ରାଶି ମିଳିବ ବୋଲି ପ୍ରଜ୍ଞା ନନ୍ଦନ ଗିରି (ଡେପୁଟି କଲେକ୍ଟର ଏମାର୍ଜେନ୍ସୀ) କହିଛନ୍ତି ।



## ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା



**ଭେଡେନ, ୨୬।୬ (ସମିସ):** ଭେଡେନ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ†ାଟିତ ହୋଇଯାଇଛି । ଉଦ†ାଟନୀ ଉତ୍ସବରେ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେରେ ପର୍ଶୁରାମ ମହାକୁର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପରିଚାଳନା ସମିତିର ସମ୍ପାଦକ ସୌମ୍ୟରଞ୍ଜନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରିଚାଳନା ସମିତିର ସଭାପତି ଡ. ପୁଷ୍ପ କୁମାର ମେହେର କାର୍ଯ୍ୟଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ମାର୍ଗଦର୍ଶନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ନରେନ୍ଦ୍ର କୁମାର ବିଶ୍ୱାଳ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଖୁଣ୍ଟୁଲିପାଲି ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିଶୁ ଭଉଣୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ଧର, ଶଙ୍କର୍ଷଣ ମିଶ୍ର, ନରେନ୍ଦ୍ର ରଣା, ରିଙ୍କୁ କୁମାର ଦାଶ ଓ ମକୁନ୍ଦ ମହାରଣା ସାହାଯ୍ୟ ଓ ସହଯୋଗ କରିଥିଲେ । ସଂକୁଳ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଗୁରୁଜୀ ଗୁରୁମା କାର୍ଯ୍ୟଶାଳାରେ ଯୋଗ ଦେଇଥିଲେ ।

